ବର୍ଷ-୨୫, ସଂଖ୍ୟା-୧୪୨
ଭୁବନେଶ୍ୱର
୨୫, ମଇ, ୨୦୨୫, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 142
Bhubaneswar
25,May, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ନୂଆଦିଲ୍ଲୀରେ ନୀତି ଆୟୋଗ ପରିଚାଳନା ପରିଷଦର ଦଶମ ବୈଠକ

## କେନ୍ଦ୍ର ଓ ରାଜ୍ୟ ଟିମ୍ ଇଣ୍ଡିଆ ଭାବେ କାମ କରିବେ



**ନୂଆଦିଲ୍ଲୀ,୨୪।୫(ଏଜେନ୍ସି):** ଶନିବାର ଦିନ ଭାରତ ମଣ୍ଡପମ୍‌ରେ ନୀତି ଆୟୋଗର ଦଶମ ଗଭର୍ଣ୍ଣିଂ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରି କହିଛନ୍ତି ଯେ, ଆମକୁ ବିକାଶର ଗତିକୁ ବଢ଼ାଇବାକୁ ପଡିବ। କେନ୍ଦ୍ର ଓ ସମସ୍ତ ରାଜ୍ୟ ଯଦି ମିଳିତ ଭାବେ ଟିମ୍ ଇଣ୍ଡିଆ ଭାବରେ କାମ କରନ୍ତି, ତେବେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ।

ଗଭର୍ଣ୍ଣିଂ କାଉନସିଲର ଏହି ବର୍ଷର ଥିମ୍ '୨୦୪୭ ପାଇଁ ବିକାଶଶୀଳ ଭାରତ ପାଇଁ ବିକାଶଶୀଳ ରାଜ୍ୟ' ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିକାଶଶୀଳ ଭାରତ ପ୍ରତ୍ୟେକ ଭାରତବାସୀଙ୍କର ଲକ୍ଷ୍ୟ। ଯେତେବେଳେ ପ୍ରତ୍ୟେକ ରାଜ୍ୟ ବିକଶିତ ହେବ, ସେତେବେଳେ ଭାରତ ମଧ୍ୟ ବିକଶିତ ହେବ। ଏହା ୧୪୦ କୋଟି ନାଗରିକଙ୍କର ଆକାଂକ୍ଷା। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟମାନେ ବିଶ୍ୱସ୍ତରୀୟ ମାନଦଣ୍ଡ ଅନୁଯାୟୀ ସମସ୍ତ ସୁବିଧା ଓ ଆଧାରଭୂତ ଢାଞ୍ଚା ଦେଇ ଅତିକମରେ ଗୋଟିଏ ପର୍ଯ୍ୟଟନ ସ୍ଥଳୀକୁ ବିକାଶ କରିବା ଉଚିତ। ଏହା ପାଇଁ ସେ 'ଏକ ରାଜ୍ୟ: ଏକ ବିଶ୍ୱ ପର୍ଯ୍ୟଟନ ଗନ୍ତବ୍ୟ'ର ମନ୍ତ୍ର ଦେଇଛନ୍ତି। ଏହାଦ୍ୱାରା ପାଖପାଖି ଥିବା ସହରଗୁଡିକର ମଧ୍ୟ ପର୍ଯ୍ୟଟନ ସ୍ଥଳୀ ଭାବରେ ବିକାଶ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତରେ ଦ୍ରୁତ ଗତିରେ ସହରୀକରଣ ହେଉଛି। ଆମେ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରଗୁଡ଼ିକୁ ବିକାଶ କରିବା ଦିଗରେ କାମ କରିବା ଉଚିତ। ବିକାଶ, ଉଦ୍ଭାବନ ଓ ସ୍ଥିରତା ଆମର ସହରଗୁଡ଼ିକର ବିକାଶରେ ଇଞ୍ଜିନ୍ ହେବା ଦରକାର। ସେ କହିଛନ୍ତି ଯେ ଆମେ ନିଜର କାର୍ଯ୍ୟଶକ୍ତିରେ ମହିଳାମାନଙ୍କୁ ସମ୍ମାନସହିତ ସାମିଲ କରିବା ଦିଗରେ କାମ କରିବା ଉଚିତ। ଏହା ପାଇଁ ଆମେ ଏମିତି କାନୁନ ଓ ନୀତି ତିଆରି କରିବା ଉଚିତ ଯାହା ମାଧ୍ୟମରେ ସେମାନେ ଗରିମାସହିତ କାର୍ଯ୍ୟଶକ୍ତିର ଅଂଶ ହେବାକୁ ପାରିବେ। ଗଭର୍ଣ୍ଣିଂ କାଉନସିଲ ବୈଠକରେ 'ବିକାଶଶୀଳ ଭାରତ ୨୦୪୭' ପାଇଁ ବିକାଶଶୀଳ ରାଜ୍ୟମାନଙ୍କର ଦୃଷ୍ଟିକୋଣ ଉପରେ ଆଲୋଚନା ହେଇଛି। ବୈଠକରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା, କୌଶଳ ବୃଦ୍ଧି କରିବା ଓ ସାରା ଦେଶରେ ସ୍ଥାୟୀ ଚାକିରିର ସୁଯୋଗ ସୃଷ୍ଟି କରିବା ଉପାୟ ଉପରେ ମଧ୍ୟ ଚର୍ଚ୍ଚା ହୋଇଛି।

## ବିକଶିତ ଭାରତ ପରିକଳ୍ପନା ଲକ୍ଷ୍ୟରେ ଓଡ଼ିଶା

**ଭୁବନେଶ୍ୱର,୨୪।୫ (ମହାଭାରତ):** ୨୦୪୭ରେ ବିକଶିତ ଭାରତ ପରିକଳ୍ପନା ଲକ୍ଷ୍ୟରେ ଓଡ଼ିଶା ଆସନ୍ତା ଜୁନ ୧୨ ତାରିଖରୁ ତା'ର କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ନୀତି ଆୟୋଗ ପରିଚାଳନା ପରିଷଦର ଦଶମ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆସନ୍ତା ୧୨ ତାରିଖରେ ଓଡ଼ିଶାରେ ତାଙ୍କ ସରକାର ଏକ ବର୍ଷର କାର୍ଯ୍ୟକାଳ ପୂରଣ କରିବାକୁ ଯାଉଛି। ଏହି ସମୟ ମଧ୍ୟରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତକୁ ଲକ୍ଷ୍ୟ ରଖି ସେ ତାଙ୍କର ରିପୋର୍ଟ କାର୍ଡ ପ୍ରଧାନମନ୍ତ୍ରୀଙ୍କୁ ଦେଇସାରିଛନ୍ତି। ଆସନ୍ତା ୧୨ ତାରିଖରେ ରାଜ୍ୟ ସରକାରଙ୍କର ଏକବର୍ଷ ପୂର୍ଣ୍ଣ ହେଉଥିବାରୁ ସେହିଦିନ ଠାରୁ ୨୦୪୭ ମସିହା ବିକଶିତ ଭାରତର ପରିକଳ୍ପନା ପାଇଁ ଓଡ଼ିଶା ତା'ର ଭିଜନ ଘୋଷଣା କରିବ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ଆଗାମୀ ୨୫ ବର୍ଷ ପାଇଁ ଭାରତର ଗ୍ରୋଥ ଇଂଜିନ ହେବାକୁ ଯାଉଛି। ଆଗାମୀ ୨୦୪୭ ମସିହା ସୁଦ୍ଧା ଓଡିଶା .୫ ଟ୍ରିଲିୟନର ଅର୍ଥନୀତି ହେବ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବୈଠକରେ କହିଥିଲେ ଯେ ଭାରତର ଅର୍ଥନୀତିର ବିକାଶ ହାର ବର୍ତ୍ତମାନ ୬.୪ ପ୍ରତିଶତ ହାରରେ ରହିଛି। ଏହା ଅନ୍ୟ ସମସ୍ତ ବୈଶ୍ୱିକ ଅର୍ଥନୀତି ଠାରୁ ଅଧିକ। ଏହି ସମାନ ସମୟରେ ଡବଲ ଇଂଜିନ ସରକାର ଥିବା କାରଣରୁ ରାଜ୍ୟର ବିକାଶ ହାର ୭.୨ ପ୍ରତିଶତ ରହିଛି। ଗତ ୧୧ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଞ୍ଚ ଥର ଓଡିଶା ଆସିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଦେଉଛି। ଏହା ପ୍ରମାଣିତ କରୁଛି ଯେ ସେ ଓଡିଶାର ବିକାଶ ପାଇଁ କେତେ ପ୍ରତିବଦ୍ଧ ଅଛନ୍ତି।

କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ମାଝି କହିଛନ୍ତି ଯେ ?୭୩,୦୦୦ କୋଟିର ନୂଆ ରେଲୱେ ପ୍ରକଳ୍ପ ଓ ୪,୬୦୦ କୋଟିର ଜାତୀୟ ରାଜପଥ ପ୍ରକଳ୍ପକୁ ଅନୁମୋଦନ ଦେଇଥିବା କାରଣ ରାଜ୍ୟ କେନ୍ଦ୍ର ସରକାରଙ୍କ ପ୍ରତି କୃତଜ୍ଞ। ସେ କହିଛନ୍ତି ଯେ ୧୭,୫୦୦ କୋଟିର ଅନ୍ୟାନ୍ୟ ପ୍ରକଳ୍ପଗୁଡିକ ବି ଅନୁମୋଦନ ପାଇଁ ପ୍ରକ୍ରିୟାରେ ଅଛି। ସେ କହିଛନ୍ତି ଯେ ରାଜ୍ୟ ସରକାର କେନ୍ଦ୍ର ସରକାର ସହ ନିକଟ ସମନ୍ୱୟରେ ପ୍ରଧାନମନ୍ତ୍ରୀ ଉଷା ଯୋଜନା, ପିଏମ୍ ଶ୍ରୀ ଯୋଜନା, ମାତୃତ୍ୱ ଲାଭ ଯୋଜନା ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଆୟୁଷ୍ମାନ୍ ଭାରତ ଯୋଜନାକୁ ସକ୍ରିୟ ଭାବେ କାର୍ଯ୍ୟାନ୍ୱିତ କରୁଛି।

## ଗଞ୍ଜୁଆ ନାଳ ଓ ଦୟା କେନାଲର ବିକାଶ ହେବ

**ଭୁବନେଶ୍ୱ,୨୪।୫ (ମହାଭାରତ):** ସହରାଞ୍ଚଳ ବନ୍ୟା ଆହ୍ୱାନର ମୁକାବିଲା କରିବା ଏବଂ ଭୁବନେଶ୍ୱରରେ ଜଳାଶୟଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁଦୃଢ଼ କରିବା ଲାଗି ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଭୁବନେଶ୍ୱର ମହାନଗର ନିଗମ (ବି. ଏମ୍. ସି.) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବି. ଡି. ଏ.) ଅଧୀନରେ ଥିବା ଗାଙ୍ଗୁଆ ନାଳ ଏବଂ ଦୟା ପଶ୍ଚିମ କେନାଲ ଅଞ୍ଚଳକୁ ପରିଦର୍ଶନ କରିଥିଲେ।



ତାଙ୍କ ସହିତ ବି. ଏମ୍. ସି. କମିଶନର ରାଜେଶ ପ୍ରବାକର ପାଟିଲ, ବି. ଡି. ଏ. ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର ଏବଂ ବି. ଏମ୍. ସି. ଏବଂ ବି. ଡି. ଏ. ର ବରିଷ୍ଠ ଯନ୍ତ୍ରୀଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

ସହରର ଜଳ ପରିଚାଳନା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ଚ୍ୟାନେଲ ଏବଂ ସମ୍ପୃକ୍ତ ଜଳାଶୟଗୁଡ଼ିକର ସ୍ଥିତିକୁ ଆକଳନ କରିବା ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ଥିଲା।

ଏହି ଚ୍ୟାନେଲଗୁଡ଼ିକର ପ୍ରାକୃତିକ ପ୍ରବାହକୁ ସହଜ କରିବା, ଅବରୋଧମୁକ୍ତ କରିବା ଏବଂ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ଏବଂ ଦୀର୍ଘକାଳୀନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହି ଦଳ ଜବରଦଖଲ ସମସ୍ୟା, ଢାଞ୍ଚାଗତ ପ୍ରତିବନ୍ଧକ ଏବଂ ଏହି ସହରାଞ୍ଚଳ ଜଳସ୍ରୋତର ଜଳ ପରିବହନ କ୍ଷମତା ଏବଂ ପରିବେଶ ସନ୍ତୁଳନ ପାଇଁ ସମନ୍ୱିତ ଯୋଜନାର ଆବଶ୍ୟକତା ଉପରେ ମଧ୍ୟ ସମୀକ୍ଷା କରିଥିଲେ। ଶ୍ରୀମତୀ ପାଢ଼ୀ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଗୋଷ୍ଠି ଯୋଗଦାନ ମାଧ୍ୟମରେ ପରିବେଶ ପୁନରୁଦ୍ଧାର ଏବଂ ଜଳ ନିଷ୍କାସନ ସମସ୍ୟାକୁ ମିଳିତ ଭାବେ ସମାଧାନ କରିଥାଏ। ସେ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ସହିତ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ଷେତ୍ର ଗସ୍ତ ସକ୍ରିୟ ପ୍ରଶାସନ, ପରିବେଶ ପରିଚାଳନା ଏବଂ ସମାବେଶୀ ସହରାଞ୍ଚଳ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

## ଷ୍ଟାର୍ଟଅପର ପେଣ୍ଠସ୍ଥଳୀ ହେବ ସମ୍ବଲପୁର

**ସମ୍ବଲପୁର,୨୪।୫(ମହାଭାରତ):** ଦେଶରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ସମୁଦାୟ ବୃଦ୍ଧି ପାଇଲେ ବ୍ୟବସାୟ ବୃଦ୍ଧି ପାଇବ। ଏହି କମ୍ୟୁନିଟିର ବନ୍ଧୁମାନେ କୃଷି ଉତ୍ପାଦ ସଂଗଠନ ତଥା ଏଫପିଓ, ଷ୍ଟ୍ରିଟ୍ ଭେଣ୍ଡର ବା ଉଠା ବ୍ୟବସାୟୀ ଏବଂ ଲକ୍ଷପତି ଦିଦି ଭଳି ବିଷୟ ସହ ଯୋଡିହେବା ଦରକାର। ଏହିଭଳି ବ୍ୟବସାୟକୁ ସହଯୋଗ କରିବା ଦରକାରୟ ସେମାନଙ୍କ ଆର୍ଥିକ ବ୍ୟବସ୍ଥା ବଢିଲେ ହିଁ ଆମର ବ୍ୟବସାୟରେ ଅଭିବୃଦ୍ଧି ଘଟିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନୟ

ଶନିବାର ଆଇଆଇଏମ ସମ୍ବଲପୁରରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ। (ଆଇସିଏଆଇ)ର ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ-୨୦୨୫'ର ଉଦଘାଟନୀ ଅଧିବେଶନରେ ଯୋଗଦେଇ ସିଏ ସମୁଦାୟକୁ ଏହି ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ।




ଏହି ନିଆରା କର୍ମଶାଳାରେ ସାରା ଦେଶରୁ ଯୋଗଦେଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଶ୍ରୀ ପ୍ରଧାନ। ସକ୍ଷମ୍ - ବୃତ୍ତିଗତଙ୍କୁ ସଶକ୍ତ କରିବା, ପ୍ରଗତିକୁ ସକ୍ଷମ କରିବାକଥାବସ୍ତୁ ଉପରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତିମାନଙ୍କର ଯୋଗଦାନ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିଛି। ଆଗାମୀ ଦିନମାନଙ୍କରେ ଏହି କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ ହେବ। ବିଶ୍ୱରେ ଭାରତର ପରିଚୟ ବଢିବ। ଭାରତର ଏହି ଯାତ୍ରାରେ ଆମର ସିଏ ସମ୍ପ୍ରଦାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ନରେନ୍ଦ୍ର ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯେ ଦେଶର ୱେଲଥ୍ କ୍ରିଏଟରଙ୍କୁ ସଠିକ୍ ସମ୍ମାନ ଦେଇଛନ୍ତି, ଯେଉଁଥିରେ ଆମର ଚାର୍ଟାର୍ଡ୍ ଆକାଉଣ୍ଟାଣ୍ଟ୍ ଏକ କାଟାଲିଷ୍ଟ୍ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ଆମେ ୨୦୩୬ ସୁଦ୍ଧା ଓଡିଶାରେ ୧୦୦ କ୍ୟୁବର ଲକ୍ଷ୍ୟ ରଖିଛୁ, ଯେଉଁଥିରେ ପ୍ରତ୍ୟେକ ଷ୍ଟାର୍ଟଅପର ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା କରିବାର ଯୋଜନା କରିଛୁୟ ଏଥିପାଇଁ ଆମକୁ ଏକ ସକ୍ଷମ ଇକୋସିଷ୍ଟମ ଏବଂ ଉଦ୍ୟମିତା ବାତାବରଣ ବଢାଇବାକୁ ହେବ। ଆଇଡ଼ିଆରୁ ଇନୋଭେସନ, ଇନୋଭେସନରୁ ଟେକ୍ନୋଲୋଜି ଏବଂ ପୁଣି ଟେକ୍ନୋଲୋଜିରୁ ସ୍କେଲ ଅପ୍ କରିବା ଆମର ପ୍ରାଥମିକତା ହେବା ଦରକାର। ସମଗ୍ର ଦେଶରେ ଆମର ଯୁବଶକ୍ତି ୨.୫ ଲକ୍ଷରୁ ଅଧିକ ଷ୍ଟାର୍ଟଅପରୁ ପ୍ରାୟ ୪୦ ଲକ୍ଷ କୋଟି ମୂଲ୍ୟର ତଥା ୭ ଲକ୍ଷରୁ ଅଧିକ ଲୋକଙ୍କୁ ରୋଜଗାର ଦେଉଛନ୍ତି। ଆମର ଯୁବବର୍ଗଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଆମେ ନୂଆ। ସୁଯୋଗ ଏବଂ ସାମାନ ମଞ୍ଚ ପ୍ରସ୍ତୁତ କରିବାକୁ ହେବ। ପୁରାତନ ବ୍ୟବସାୟକୁ ସମର୍ଥନ ଦେବା ସହିତ ନୂଆ। ନୂଆ। ବ୍ୟବସାୟକୁ ମଧ୍ୟ ଆଗକୁ ନେବାକୁ ହେବ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଅପାର ସମ୍ଭାବନା ରହିଥିବା ବେଳେ ତାହାର କେନ୍ଦ୍ରବିନ୍ଦୁରେ ସମ୍ବଲପୁର ରହିଛି। ସମ୍ବଲପୁରକୁ ଏକ ଷ୍ଟାର୍ଟଅପର ପେଣ୍ଠସ୍ଥଳୀ କରିବା ପାଇଁ ସମସ୍ତ ପ୍ରକାର ସମ୍ଭାବନା ଅଛି।

## କେରଳରେ ସଅଳ ମୌସୁମୀ

**ଭୁବନେଶ୍ୱର,୨୪।୫(ମହାଭାରତ):** ଦୀର୍ଘ ୧୬ବର୍ଷ ପରେ କେରଳକୁ ଆଗୁଆ ଛୁଇଁଛି ମୌସୁମୀ। ପୂର୍ବରୁ ଜୁନ୍ ୧ ତାରିଖ ବେଳକୁ ମୌସୁମୀ କେରଳ ଛୁଇଁଥାଏ। କିନ୍ତୁ ଏଥର ପ୍ରାୟ ଏକ ସପ୍ତାହ ଆଗରୁ କେରଳକୁ ମୌସୁମୀ ଆସିଥିବାରୁ ଓଡ଼ିଶାରେ ମଧ୍ୟ ଆଗୁଆ ମୌସୁମୀ ଆସିବାର ସମ୍ଭାବନା ରହିଛି। ୨୦୦୯ରେ ଆଗୁଆ ମୌସୁମୀର ପ୍ରଭାବ ଦେଖିଥିବା ରାଜ୍ୟବାସୀ ଏବେ ଏହି ଚିନ୍ତାରେ। ପାଣିପାଗ ବିଶେଷଜ୍ଞ ସ୍ଥିତି ଆକଳନ କରୁଥିଲାବେଳେ ସରକାର ବି ସବୁ ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ଥିବା କହିଛନ୍ତି। ଉତର-ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟି ହେବାକୁ ଯାଉଥିବା ଏକ ଲଘୁଚାପ ଓଡ଼ିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଆଗମନକୁ ତ୍ୱରାନ୍ୱିତ କରିପାରେ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି। ଏହି ଲଘୁଚାପ ମେ ୨୬ କିମ୍ବା ୨୭ ତାରିଖରେ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ ଶନିବାର କହିଛନ୍ତି। ଡକ୍ଟର ସାହୁ କହିଛନ୍ତି ରାଜ୍ୟରେ ଝିପିଝିପି ବର୍ଷା ଲାଗି ରହିପାରେ ଏବଂ ଲଘୁଚାପ ଯୋଗୁଁ ମେ ୨୭ ଅପରାହ୍ନରୁ ବର୍ଷାର ତୀବ୍ରତା ବୃଦ୍ଧି ପାଇପାରେ। ଏହି ବୃଷ୍ଟିପାତ ମେ ୩୦ ରାତ୍ରି ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଅଛି।

## ଦକ୍ଷିଣ ଆଫ୍ରିକାରେ ଅଦିନିଆ ରଥଯାତ୍ରା

**ଭୁବନେଶ୍ୱର,୨୪।୫(ମହାଭାରତ):** ଜଗନ୍ନାଥ ସଂସ୍କୃତିକୁ ପୁଣି ଅପମାନିତ କରିଛି ଇସ୍କନ। ଗଜପତି ମହାରାଜାଙ୍କୁ ବି ହେୟଜ୍ଞାନ କରିଛି। ଦକ୍ଷିଣ ଆଫ୍ରିକାର ସାଣ୍ଡଟନରେ ୩ ଦିନ ତଳେ ଇସ୍କନ ପାଳିଛି ଅଦିନିଆ। ରଥଯାତ୍ରା। ଏ ନେଇ ସଂସ୍ଥା ପକ୍ଷରୁ ଜାରି ହୋଇଛି ଫଟୋ ଓ ଭିଡିଓ। ତିନି ଠାକୁରଙ୍କୁ ଗୋଟିଏ ରଥରେ ବସାଇ ଚତୁର୍ଥ ବାର୍ଷିକ ରଥଯାତ୍ରା ଫେଷ୍ଟିଭାଲ ପାଳନ କରିଥିବା ନେଇ ସୋସିଆଲ ମିଡିଆ। ଏକ୍ସରେ ପୋଷ୍ଟ କରିଛି। ଯାହାକୁ ନେଇବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଥା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରି କହିଛନ୍ତି, ଜଗନ୍ନାଥଙ୍କ ସଂସ୍କୃତି ଓ ଧାର୍ମିକ ପବିତ୍ରତାକୁ ନଷ୍ଟ କରାଯାଉଛି। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଓ ଭକ୍ତଙ୍କ ଅନୁରୋଧ ସତ୍ତ୍ୱେ ଇସ୍କନ ଏଭଳି ଅଦିନିଆ। ରଥଯାତ୍ରା ଆୟୋଜନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆଗକୁ ମଧ୍ୟ ବିଶ୍ୱର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିବାକୁ ତାରିଖ ସ୍ଥିର କରିଛି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

ଜଗନ୍ନାଥ ସଂସ୍କୃତିକୁ ଅବମାନନା କରି କେମିତି ଏ ବର୍ଷ ତିଥି ବାଦ୍ ବିଶ୍ୱର ବିଭିନ୍ନ ସ୍ଥାନରେ ଅଦିନିଆ। ରଥଯାତ୍ରା ଆୟୋଜନ ପାଇଁ ଦିନ ଧାର୍ଯ୍ୟ କରିଛି ଅମାନିଆ। ଇସ୍କନ, ତାର ବିବରଣୀ ସାମ୍ନାକୁ ଆସିଛି। ୟୁନାଇଟେଡ୍ ଇସ୍କନ ୱେବସାଇଟରେ ଉପଲବ୍ଧ ତଥ୍ୟ ଅନୁସାରେ- ଜୁନରୁ ସେପ୍ଟେମ୍ବର ମଧ୍ୟରେ ସଂସ୍ଥା, ବ୍ରିଟେନ ଓ ଆୟର୍ଲାଣ୍ଡର ୨୨ଟି ସ୍ଥାନରେ ରଥଯାତ୍ରା ତାରିଖ ସ୍ଥିର କରିସାରିଛି। ଯଦିଓ ଏବର୍ଷ ତିଥି ଅନୁସାରେ ଜୁନ୍ ୨୭ରେ ମହାପ୍ରଭୁଙ୍କ ରଥଯାତ୍ରା ପଡୁଛି, କିନ୍ତୁ ଜୁଲାଇରେ ଲଣ୍ଡନ ସହ ୯ଟି ସ୍ଥାନରେ, ଅଗଷ୍ଟରେ ୫ଟି ଓ ସେପଟେମ୍ବରରେ ୩ଟି ସ୍ଥାନରେ ରଥ ଗଡ଼ାଇବାକୁ ଦିନ ଧାର୍ଯ୍ୟ କରିଛି। ଯାହାକି କୋଟି କୋଟି ଜଗନ୍ନାଥ ପ୍ରେମୀ ଓ ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଆଘାତ ବୋଲି ଦର୍ଶାଇଛନ୍ତି ଶ୍ରୀମନ୍ଦିର ସେବାୟତ। ଏହା ବିରୋଧରେ ସଂସଦରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ ଦାବି ଉଠାଇଛନ୍ତି। ପୁରୀ ଜିଲ୍ଲାପାଳ କହିଛନ୍ତି ଇସ୍କନ କିପରି ଏଥିରୁ ବିରତ ହେବ ସେ ଦିଗରେ ଆଲୋଚନା ଚାଲିଛି। ଗତବର୍ଷ ନଭେମ୍ବରରେ ଆମେରିକାର ହ୍ୟୁଷ୍ଟନରେ ଇସ୍କନର ଅଦିନିଆ। ରଥଯାତ୍ରା ଆୟୋଜନକୁ ନେଇ ତୁମ୍ବିତୋଫାନ୍ ହୋଇଥିଲା। ଏମିତିକି ସ୍କନ୍ଦ ପୁରାଣ ଅନୁସାରେ କେବଳ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ହିଁ ରଥଯାତ୍ରା ପାଳିବାକୁ ଇସ୍କନକୁ ଚିଠି ଲେଖି ଅପିଲ୍ କରିଥିଲେ ଖୋଦ୍ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଯାହାପରେ ଇସ୍କନ ନଇଁବା ସହ ସେଠି ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା କରିଥିଲା। ତାସହ ଗତ ମାର୍ଚ୍ଚ ୨୫ରେ ଭୁବନେଶ୍ୱରରେ ଇସ୍କନ ସ୍କଲାର୍ସମାନଙ୍କ ସହ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଗଜପତି ମହାରାଜାଙ୍କ ସହ ଆଲୋଚନାବେଳେ ସକରାତ୍ମକ ମନୋଭାବ ମଧ୍ୟ ପ୍ରଦର୍ଶନ କରିଥିଲା। ହେଲେ ତା ପରେ ବି ମନମାନି ଚଳାଇଛି।




ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଛି ଇସ୍କନ

## ବିମାନ ବନ୍ଦର ରେଡ୍ ଆଲର୍ଟ ବୃଦ୍ଧି

**ଭୁବନେଶ୍ୱର,୨୪।୫(ମହାଭାରତ):** ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ା ରହିବ। ଆହୁରି ୭ ଦିନ ଯାଏଁ ରେଡ୍ ଆଲର୍ଟ ଭିତରେ ରହିବ ବିମାନ ବନ୍ଦର। ବ୍ୟୁରୋ ଅଫ୍ ସିଭିଲ ଏଭିଏସନ୍ ସିକ୍ୟୁରିଟି, ବିସିଏଏସ୍ ବିମାନବନ୍ଦରରେ ଜାରି ହୋଇଥିବା ରେଡ୍ ଆଲର୍ଟକୁ ଆହୁରି ୭ ଦିନ ପାଇଁ ବୃଦ୍ଧି କରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପ୍ରତି ଭୂ-ରାଜନୈତିକ ଉତ୍ତେଜନାର ପ୍ରତିକ୍ରିୟାରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଯାହା ଦ୍ୱାରା ବିମାନବନ୍ଦର ନିରୀକ୍ଷଣ ଏବଂ ପ୍ରସ୍ତୁତିରେ ଦେଶବ୍ୟାପୀ ଆହୁରି ସୁରକ୍ଷିତ ରହିପାରିବ।

ତେବେ ବର୍ଦ୍ଧିତ ସୁରକ୍ଷା ପ୍ରୋଟୋକଲର ଅଂଶ ଭାବରେ, ଟର୍ମିନାଲରେ ସମସ୍ତ ଅଣ-ଯାତ୍ରୀ ପରିଦର୍ଶକଙ୍କ ପ୍ରବେଶକୁ ମଧ୍ୟ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସାଧାରଣତଃ, ପ୍ରତିଦିନ ପର୍ଯ୍ୟଟକ, ସମ୍ପର୍କୀୟ ଏବଂ ଯାତ୍ରୀଙ୍କ ବନ୍ଧୁ ସମେତ ପ୍ରାୟ ୨୦୦ ପରିଦର୍ଶକ ବିମାନବନ୍ଦରକୁ ପ୍ରବେଶ କରନ୍ତି। ଯାହାକୁ ନେଇ ମଧ୍ୟ କଟକଣା ଜାରି ହୋଇଛି। ବିସିଏଏସ୍ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ, ଏହି ସୁବିଧା ବନ୍ଦ ରହିବା ବେଳେ, ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କୌଣସି ପରିଦର୍ଶକ ପାସ୍ ଜାରି କରାଯିବ ନାହିଁ। ଭୁବନେଶ୍ୱର ବିମାନବନ୍ଦର, ପୂର୍ବରୁ ସମ୍ବେଦନଶୀଳ ଭାବରେ ବର୍ଗୀକୃତ। ପୂର୍ବରୁ ମଧ୍ୟ ଏହାରେ ବୋମା ଭୟର ଆତଙ୍କ ସୃଷ୍ଟି ହୋଇଛି। ଗତ ମେ ୯ ତାରିଖରେ ମଧ୍ୟ ବିମାନବନ୍ଦରରେ ଅଜଣା ହ୍ୟାଣ୍ଡବ୍ୟାଗ୍ ଆବିଷ୍କୃତ ହୋଇଥିବା ବେଳେ, ବୋମା ଆତଙ୍କ ସୃଷ୍ଟି କରିଥିଲା। ତୁରନ୍ତ ଅଞ୍ଚଳକୁ ଖାଲି କରାଯାଇଥିଲା ଏବଂ ବୋମା ନିଷ୍କ୍ରିୟକାରୀ ଦଳ, ଏକ କୁକୁର ୟୁନିଟ୍ ନିୟୋଜିତ କରାଯାଇଥିଲା। ସମ୍ପୂର୍ଣ୍ଣ ଯାଞ୍ଚ ପରେ, ବ୍ୟାଗରେ ଡାଏପର ଏବଂ ଏକ ଚାର୍ଜର ଭଳି କ୍ଷତିକାରକ ଜିନିଷ ଥିବା ଜଣାପଡିଥିଲାୟ ଶେଷରେ ଏହା ହାଇଦ୍ରାବାଦରୁ ଆସିଥିବା ଜଣେ ମହିଳା ଯାତ୍ରୀଙ୍କର ବୋଲି ଜଣାପଡିଥିଲା। ଏଥିରେ କୌଣସି ବିପଦ ପ୍ରତିହତ ହୋଇନଥିଲା।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



## ଖବର

# କାନ୍ସ ଫିଲ୍ମ ଫେଷ୍ଟିଭାଲ: ମଥାରେ ସିନ୍ଦୂର ଲଗାଇ ଦୁଇଟି ବାର୍ତ୍ତା ଦେଲେ ଐଶ୍ୱର୍ଯ୍ୟା

କାନ୍ସ ଫିଲ୍ମ ଫେଷ୍ଟିଭାଲରେ କୁଇନ୍ ଭଳି ଏଣ୍ଟ୍ରି କରିଛନ୍ତି ଐଶ୍ୱର୍ଯ୍ୟା ରାୟ ବଚ୍ଚନ। ଐଶ୍ୱର୍ଯ୍ୟା ରେଡ କାର୍ପେଟରେ ପ୍ରବେଶ କରିବା ପରେ ତାଙ୍କର ପ୍ରଥମ ଲୁକ୍ ହଜାର ହଜାର ପ୍ରଶଂସକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ୭୮ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ ପାଇଁ ଐଶ୍ୱର୍ଯ୍ୟା ଫ୍ୟାଶନ୍ ଡିଜାଇନର ମନୀଷ ମାଲହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଏକ ସୁନ୍ଦର ଶାଢି ବାଛିଥିଲେ । ତାଙ୍କର ଏହି ଲୁକ୍ ପ୍ରଶଂସକଙ୍କୁ ବେଶ ପସନ୍ଦ ଆସିବା ସହ ଅନେକ ଉଠିଥିବା ପ୍ରଶ୍ନର ଜବାବ ମଧ୍ଯ ଦେଇଥିଲା । କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଐଶ୍ୱର୍ଯ୍ୟା ଏଣ୍ଟ୍ରି କରିବା ମାତ୍ରେ ତାଙ୍କ ମଥାରେ ଥିବା ସିନ୍ଦୁର ସବୁଠାରୁ ଅଧିକ ଆକର୍ଷଣ ଓ ଆଲୋଚନାର ବିଷୟ ହୋଇଥିଲା । ଏହି ଲୁକ୍ ଦେଖି ସମସ୍ତେ କହିଛନ୍ତି ଯେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କିଛି ନକହି ପାକିସ୍ତାନକୁ ଚପୁଡା ମାରିଛନ୍ତି ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତର 'ଅପରେସନ ସିନ୍ଦୂର' କୁ ଏହିପରି ପ୍ରତିନିଧିତ୍ୱ କରିଛନ୍ତି ।ଭାରତ ଏବେ ୩୩ଟି ଦେଶକୁ ନିଜର ପ୍ରତିନିଧିମଣ୍ଡଳ ପଠାଉଛି । ସେମାନେ ୨୨ଏପ୍ରିଲରେ ପହଲଗାଓଁ ଆକ୍ରମଣ ପରେ ହୋଇଥିବା ଅପରେସନ ସିନ୍ଦୂର ସମ୍ପର୍କରେ ଆଲୋଚନା କରିବା ସହ ଆତଙ୍କବାଦୀଙ୍କୁ ପାଳୁଥିବା ଦେଶ ପାକିସ୍ତାନର ଅସଲ ମୁଖା ଖୋଲିବେ । ତେବେ ଏହାରି ଭିତରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ମଥାରେ ସଜ୍ଜିତ ସିନ୍ଦୂର ଏକକାଳୀନ ଦୁଇଟି ବାର୍ତ୍ତା ଦେଇଛି ।ପ୍ରଥମତଃ କାନ୍ସରେ ଭାରତର ସଂସ୍କୃତି ଉପସ୍ଥାପନା ଏବଂ ଅପରେସନ ସିନ୍ଦୂରର ଉପସ୍ଥାପନା । ଦ୍ୱିତୀୟରେ ଏହା ଐଶ୍ୱର୍ଯ୍ୟା ଏବଂ ତାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କ ମଧ୍ୟରେ ଗତ କିଛି ମାସ ଧରି ଚାଲିଥିବା ଛାଡପତ୍ର ଗୁଜବର ଅନ୍ତ ଘଟାଇଛି । ଐଶ୍ୱର୍ଯ୍ୟାଙ୍କ ଏହି ଲୁକ୍ ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର ମନୀଷ ମାଲହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିଲା । ଅଭିନେତ୍ରୀ ଜଣକ ଶାଢି ପିନ୍ଧିଥିଲେ, ଯାହା ଏକ ହାତବୁଣା ବଡ ବନାରସୀ ହସ୍ତତନ୍ତ ଶାଢି ଅଟେ । ହାତୀଦାନ୍ତ ରଙ୍ଗର ହାତ ତିଆରି ରୂପା ଜରି ଶାଢି ବେଶ ଆକର୍ଷଣୀୟ ଓ ସୁନ୍ଦର ହୋଇଥିଲା । ଐଶ୍ୱର୍ଯ୍ୟାଙ୍କ ଅଳଙ୍କାର ବହୁତ ସୁନ୍ଦର ହୋଇଥିବାରୁ ଏହା ତାଙ୍କୁ ରାଜକୀୟ ଲୁକ୍ ଦେଇଥିଲା । ସେ ଏପରି ଏକ ହାର ପିନ୍ଧିଥିଲେ ଯେଉଁଥିରେ ୫୦୦କ୍ୟାରେଟରୁ ଅଧିକ ମୋଜାମ୍ବିକ ମାଣିକ ଏବଂ ହୀରା ବ୍ୟବହାର ହୋଇଥିଲା । ସବୁକିଛି ୧୮କ୍ୟାରେଟ ସୁନାରେ ସଜ୍ଜିତ ଥିଲା ।



## ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ। ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ।ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ।

ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଐଶାନ୍ୟ କୋଣରେ ଲଗାନ୍ତୁ। ଏହାସହ ମନ୍ଦିର ନିକଟରେ ମଧ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି,କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି



## ଘରୁ ନକାରାତ୍ମକ ଶକ୍ତି ଦୂର କରେ ଲବଙ୍ଗ

ଲବଙ୍ଗକୁ ଏକ ପବିତ୍ର ଜିନିଷ ଭାବରେ ଗ୍ରହଣ କରାଯାଏ। ପୂଜାପାଠରେ ଲବଙ୍ଗର ଏକ ବିଶେଷ ମହତ୍ତ୍ୱ ରହିଛି। ଲବଙ୍ଗ ସ୍ୱାସ୍ଥ୍ୟ ପାଇଁ ମଧ ଉପକାରୀ। ଏହା ସହିତ ଲବଙ୍ଗ ଘରୁ ନକାରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ଉତ୍ପନ୍ନ କରିଥାଏ ବୋଲି କୁହାଯାଏ। ତା'ହେଲେ ଘରୁ ନକାରାତ୍ମକ ଶକ୍ତି ଦୂର କରିବାକୁ ଏହାକୁ କେମିତି ବ୍ୟବହାର କରିବେ ? ଏହା ଅତି ସହଜ। ଆସନ୍ତୁ ସେ ବିଷୟରେ ଜାଣିବା। ଶନିବାର କିମ୍ବା ରବିବାର ସନ୍ଧ୍ୟାରେ ୫ଟି ଲବଙ୍ଗ, ୩ଟି କର୍ପୂର ଓ ୩ଟି ଅଳେଇଚକୁ ଏକ ମାଟି ଅବା ପିତଳ ପାତ୍ରରେ ରଖି



ସେଥିରେ ଅଗ୍ନି ସଂଯୋଗ କରନ୍ତୁୟ ନିଆଁ ଜଳୁଥିବା ସମୟରେ ଏହାକୁ ଘରର ସବୁ ରୁମରେ ବୁଲାନ୍ତୁ। ଏହାପରେ ପାଉଁଶକୁ ମୁଖ୍ୟ ଦ୍ୱାରରେ ଖେଳେଇ ରଖନ୍ତୁ। ଆପଣ ଚାହିଁଲେ , ଲବଙ୍ଗ ପାଉଁଶରେ ପାଣି ମିଶାଇ ମଧ ଘରର ସମସ୍ତ ରୁମରେ ଛିଞ୍ଚି ପାରିବେ। ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ଶନିବାର ଦିନ ଏକ ତେଲ ଦୀପରେ ତିନି ଚାରୋଟି ଲବଙ୍ଗ ପକାଇ ସେଥିରେ ଅଗ୍ନି ସଂଯୋଗ କରନ୍ତୁ। ଏହାକୁ ଘରର ଏକ ଅନ୍ଧାର କୋଣରେ ରଖି ଦିଅନ୍ତୁ। ଏହା ଘରୁ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ। ଘରେ ସବୁବେଳେ ରୋଗବେମାର ଲାଗି ରହୁଥିଲେ, ତାକୁ ଦୂର କରିଥାଏ।

ଯଦି ଆପଣ ଘରେ ସୁଖ ସମୃଦ୍ଧି ଚାହୁଁଛନ୍ତି, ତେବେ ଲବଙ୍ଗ ଗଛ ଲଗାନ୍ତୁ। କିଛି ଲବଙ୍ଗ ସର୍ବଦା ନିଜ ପର୍ସରେ ରଖନ୍ତୁ। ଏହାଦ୍ୱାରା ଅନେକ ଲାଭ ମିଳିଥାଏ।

# ରାମାୟଣ : ସହଯୋଗୀଙ୍କୁ ଅଧିକାର ପ୍ରଦାନ

ସାଧାରଣତଃ ଦେଖାଯାଏ ଯେ କୌଣସି ସଂସ୍ଥାରେ ବସ୍ ହିଁ ସମସ୍ତ ନିର୍ଣ୍ଣୟ ନେଇଥାନ୍ତି, କର୍ମଚାରୀ କେବଳ ମୁନିବଙ୍କ ଯୋଜନା ଅନୁଯାୟୀ କାମ କରିଥାନ୍ତି । ଏଭଳି ସ୍ଥିତିରେ ଦେଖାଯାଏ ଯେ କର୍ମଚାରୀ କୌଣସି ଦାୟିତ୍ୱ ନେଇନଥାନ୍ତି । କାମ ଖରାପ ହେଉଥିଲେ କିମ୍ବା ନହେଉଥିଲେ ବି ସେମାନେ ନିଜ ବୁଦ୍ଧି ଖଟାଇନଥାନ୍ତି । କେବଳ ମୁନିବଙ୍କ ଆଜ୍ଞା ପାଳନ କରିବା ଲାଗି ଯେନତେନ ପ୍ରକାରେ କାମ ସାରିଦେବାକୁ ଚେଷ୍ଟା କରିଥାନ୍ତି । ଫଳରେ ସଂସ୍ଥାର କ୍ଷତି ହୋଇଥାଏ । କିନ୍ତୁ ପ୍ରକୃତ ପରିଚାଳକ ସେଇ, ଯିଏ ନିଜ କର୍ମଚାରୀମାନଙ୍କୁ କାମ କରିବାର ଦାୟିତ୍ୱ ସହିତ ନିଷ୍ପତ୍ତି ତଥା ନିର୍ଣ୍ଣୟ ନେବାର ସ୍ୱାଧୀନତା ଦେଇଥାଏ । ଏହାଦ୍ୱାରା କର୍ମଚାରୀ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାମ କରିଥାଏ । ନିଜ ସହଯୋଗୀ, ମିତ୍ର, ସମ୍ପର୍କୀୟ, କର୍ମଚାରୀଙ୍କ ଉପରେ ଭରସା ରଖି ସେମାନଙ୍କୁ କୌଣସି ଦାୟିତ୍ୱ ଦିଆଗଲେ ପରିଣାମ ନିଶ୍ଚିତ ରୂପେ ଭଲ ହୋଇଥାଏ । ଅନ୍ୟ ଉପରେ ଭରସା କରିବାକୁ ହେଲେ ପ୍ରଥମେ ଭଗବାନଙ୍କ



ଉପରେ ଭରସା ରଖିବାକୁ ହେବ । ରାମାୟଣରୁ ଆମକୁ ଏହି ଶିକ୍ଷା ମିଳିଥାଏ ।

ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ବାନରରାଜ ସୁଗ୍ରୀବଙ୍କୁ ଦାୟିତ୍ୱ ଦେଇଥିଲେ ପ୍ରଭୁ ଶ୍ରୀରାମ । ସୁଗ୍ରୀବଙ୍କୁ ପ୍ରତ୍ୟେକ ନିଷ୍ପତ୍ତି ନେବା ଲାଗି ସ୍ୱାଧୀନତା ଦେଇଥିଲେ । ସୁଗ୍ରୀବଙ୍କୁ ପ୍ରଭୁ ଶ୍ରୀରାମ ଯାହା କହିଥିଲେ, ତାହାକୁ ବର୍ଣ୍ଣନା କରି ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି, "ଅବ ସୋଇ ଜତନୁ କରହୁ ମନ ଲାଇ । ଜୋହି ବିଧି ସୀତା କେ ସୁଦ୍ଧି ପାଇ।" ଅର୍ଥାତ୍ ନିଜ ବୁଦ୍ଧିରେ ଏପରି ଉପାୟ କର, ଯାହାଦ୍ୱାରା ଦେବୀ ସୀତାଙ୍କୁ ଖୋଜିବା ସମ୍ଭବ ହୋଇପାରିବ । ଶ୍ରୀରାମଙ୍କ ଠାରୁ ନିଷ୍ପତ୍ତି ନେବାର ସ୍ୱତନ୍ତ୍ରତା ପାଇ ସୁଗ୍ରୀବ ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ୪ଟି ଅନୁସନ୍ଧାନ ଦଳ ଗଠନ କଲେ । ସବୁଠୁ ଯୋଗ୍ୟ ଦଳରେ ନୀଳ, ଅଙ୍ଗଦ, ଜାମ୍ବବନ୍ତ ଏବଂ ହନୁମାନ ରହିଥିଲେ । ଏମାନଙ୍କୁ ଦକ୍ଷିଣ ଦିଗକୁ ପଠାଗଲା । ଜାମ୍ବବନ୍ତ, ହନୁମାନଙ୍କ ନେତୃତ୍ୱରେ ଏହି ଦଳ ପ୍ରଥମେ ଲଙ୍କାର ସନ୍ଧାନ ପାଇଲେ, କିନ୍ତୁ ସେଠାକୁ ଯିବା ଲାଗି କେବଳ ହନୁମାନଙ୍କ ନିକଟରେ କ୍ଷମତା ରହିଥିଲା । ଯିବା ପୂର୍ବରୁ ଲଙ୍କାରେ କ'ଣ କରିବା ଉଚିତ୍ ସେ ସମ୍ପର୍କରେ ହନୁମାନ ବୁଦ୍ଧିମାନ ଜାମ୍ବବନ୍ତଙ୍କ ଠାରୁ ବୁଝିନେଲେ । ଜାମ୍ବବନ୍ତ କହିଲେ, ତୁମେ କେବଳ ଲଙ୍କା ଯାଇ ଦେବୀ ସୀତାଙ୍କୁ ସନ୍ଧାନ କରିଆସ ଏବଂ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ଖବର ଦିଅ । ଏହି ସମୟରେ ଅନ୍ୟ ବାନରମାନେ ଚିନ୍ତା ମଧ କରିନଥିଲେ ଯେ ହନୁମାନ ଯାଇ ଲଙ୍କାରେ ନିଆଁ ଲଗାଇଦେବେ । ସଂଯୋଗବଶତଃ ଏହା ହିଁ ହେଲା । ରାବଣର ଦରବାରରେ ଯୁକ୍ତିତର୍କ ହେବା ପରେ ହନୁମାନଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇଦିଆଗଲା । ହନୁମାନ ସେହି ନିଆଁରେ ସାରା ଲଙ୍କାକୁ ପୋଡ଼ି ପାଉଁଶ କରିଦେଲେ । ଶ୍ରୀହନୁମାନଙ୍କୁ କେବଳ ଦେବୀ ସୀତାଙ୍କୁ ଖୋଜି ଆଣିବାର ଦାୟିତ୍ୱ ଦିଆଯାଇଥିଲା । ତାଙ୍କ ନିକଟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିଥିଲା । ତେଣୁ ସେ ଦେବୀ ସୀତାଙ୍କ ସନ୍ଧାନ ପରେ ଲଙ୍କାଦହନ ଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲେ । ଫଳରେ ପ୍ରଭୁ ଶ୍ରୀରାମ ଲଙ୍କାରେ ପାଦ ଥାପିବା ପୂର୍ବରୁ ତାଙ୍କ ପରାକ୍ରମର ଆଭାସ ପାଇଯାଇଥିଲେ ରାବଣ ଓ ତା'ର ରାକ୍ଷସ ପ୍ରଜା । ସେମାନେ ଭଲ ଭାବେ ଅନୁମାନ କରିପାରୁଥିଲେ ଯଦି ଶ୍ରୀରାମଙ୍କ ସେନାର ଜଣେ ଯୋଦ୍ଧା ସମ୍ପୂର୍ଣ୍ଣ ଲଙ୍କାକୁ ଜାଳିଦେଇ ପାରେ, ତା'ହେଲେ ସମ୍ପୂର୍ଣ୍ଣ ସେନା ଆସି ପହଞ୍ଚିଲେ ଅବସ୍ଥା କ'ଣ ହେବ ! ନିଜ ସାଥୀ ଏବଂ ସହଯୋଗୀଙ୍କୁ ଦାୟିତ୍ୱ ସହ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରିବାର ଏହି ବିଶେଷ କଳା ପ୍ରଭୁ ଶ୍ରୀରାମଙ୍କୁ ଭଲ ଭାବେ ଜଣାଥିଲା । ରାମାୟଣରେ ଅନେକ ସମୟରେ ଶ୍ରୀରାମ ନିଜର ଏହି ଶୈଳୀର ଉପଯୋଗ କରିଥିଲେ ।

## ଚେହେରାରେ ଚମକ ଆଣିଥାଏ ବିରିଡାଲି ଫେସପ୍ୟାକ୍

ଭାରତୀୟ ଭୋଜନରେ ଡାଲିର ବେଶ ମହତ୍ତ୍ୱ ରହିଥାଏ । ଏଥିରେ ଥିବା ଭିଟାମିନ ଏବଂ ପ୍ରୋଟିନ ଶରୀର ପାଇଁ ବେଶ ଲାଭକାରୀ ହୋଇଥାଏ । ଆପଣ ନିଜ ଚେହେରାରେ ବିରି ଡାଲିକୁ ଏମିତି ଭାବେ ବ୍ୟବହାର କରିପାରିବେ, ଫଳରେ ଏହା ଚେହେରାରୁ





ସୁନ୍ଦରତା ବଜାୟ ରଖିବାରେ ସାହାଯ୍ୟ କରିଥିଲେ । ଆସନ୍ତୁ, ଜାଣିବା କେମିତି ବ୍ୟବହାର କରିବେ ବିରି ଡାଲି..

ଟୋନିଂ କରିବା ପାଇଁ : ବିରି ଡାଲିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଥାଏ। ଟ୍ୟାନ୍ରୁ ରକ୍ଷା ପାଇବା ପାଇଁ ଆପଣ ଏହାକୁ ବ୍ୟବହାର କରିପାରିବେ । ୧/୨ କପ ଡାଲିକୁ ରାତିସାରା ପାଣି ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ପେଷ୍ଟ କରିଦିଅନ୍ତୁ। ଏଥିରେ ୧/୨ ଚାଉଳ ଗୁଣ୍ଡ ମିଶାଇ ଏବଂ ଚାମଚ ଲେମ୍ବୁ ଚୁପୁଡିଦିଅନ୍ତୁ । ଏହାକୁ ଏକାଠି ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ଧୋଇଦିଅନ୍ତୁ ।

ତ୍ୱଚାରୁ ଦାଗ ଦୂର କରିବା ପାଇଁ : ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ଦାଗ ଦୂର କରିବାରେ ବେଶୀ ପ୍ରଭାବୀ ହୋଇଥାଏ । ଏହା ତ୍ୱଚାରେ ହେଲଥି ଗ୍ଲୋ ଆଣିଥାଏ । ୧/୨ କପ ବିରି ଡାଲିକୁ ରାତିରେ ଭିଜାଇ ସକାଳୁ ପେଷ୍ଟ କରିଦିଅନ୍ତୁ । ଏଥିରେ ଏକ ଚାମଚ ଚାଉଳ ପେଷ୍ଟ ମିଶାଇ ଭଲଭାବେ ପେଷ୍ଟ କରି ଲେମ୍ବୁ ରସ ମିଶାଇ ଦିଅନ୍ତୁ।

# ସମୃଦ୍ଧ ଓ ବିକଶିତ ଭାରତ ଗଠନ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର,୨୪।୫ (ମହାଭାରତ): କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟାଂଟ୍‌ମାନେ ଏକ ସମୃଦ୍ଧ ଓ ବିକଶିତ ଭାରତ ଗଠନ ପାଇଁ ନିରନ୍ତର କାର୍ଯ୍ୟ କରନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ମଇ ୨୩ ତାରିଖ ଦିନ ସୋଆ ବିଶ୍ୱ ବିଦ୍ୟାଳୟର ଅଡ଼ିଟୋରିୟମ୍‌ଠାରେ ଆୟୋଜିତ ୬୨ତମ ଜାତୀୟ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟାଂଟ୍ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତ ୫ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ପୂରଣ ଆଡକୁ ଅଗ୍ରସର ହେଉଥିବାବେଳେ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟାଂଟ୍ ମାନଙ୍କର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ବିଶ୍ୱ ଏକ ଅଭୁତପୂର୍ବ ଗତିରେ ବିକଶିତ ହେଉଛି। କୃତ୍ରିମ ବୁଦ୍ଧିମତା ଠାରୁ ଡାଟା ଆନାଲିଟିକ୍ସ ପର୍ଯ୍ୟ', ପ୍ରଯୁକ୍ତି ବିଦ୍ୟା ବ୍ୟବସାୟ ପରିଚାଳନାକୁ ରୂପଦେବା, ବିଶ୍ୱ ଗତିଶୀଳତା କ୍ଷେତ୍ରରେ ଆହ୍ୱାନର ମୁକାବିଲା ପାଇଁ ବୃତ୍ତିଧାରୀମାନଙ୍କର ଆବଶ୍ୟକତା ରହିଛି, ଯେଉଁମାନେ ନେତୃତ୍ୱ ନେଇ ପାରିବେ। ଏ କ୍ଷେତ୍ରରେ ଆପଣମାନଙ୍କର ବିଶେଷଜ୍ଞତା କେବଳ ମୂଲ୍ୟବାନ ନୁହେଁ, ବରଂ ଅପରିହାର୍ଯ୍ୟ। ବର୍ତ୍ତମାନ ବ୍ୟବସାୟରେ କାର୍ଯ୍ୟକଳାପ ଆଧାରିତ ମୂଲ୍ୟ ଏବଂ ଲିଂକ୍ ଆକାଉଟିଂ ଭଳି ନିୟନ୍ତ୍ରଣ କୌଶଳକୁ ଗ୍ରହଣ କରାଯାଉଛି। ଏହି ପରିବର୍ତ୍ତନ ବଜେଟିଂ ଏବଂ ପୂର୍ବାନୁମାନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଂଟ୍ ଆକାଉଟିଂ ପାଇଁ ବର୍ଦ୍ଧିତ ଚାହିଦା ସୃଷ୍ଟି କରିଛି ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ସବୁଜ ଅର୍ଥନୀତି, କାର୍ବନ ଫୁଟ୍ ପ୍ରିଂଟ୍ ଆକାଉଟିଂ ଏବଂ ଇ.ଏସ୍.ଜି. କାର୍ଯ୍ୟଧାରା ମୂଲ୍ୟାଙ୍କନରେ ଭାରତୀୟ କଷ୍ଟ୍ ଆକାଉଟାଂଟ୍ ସଂସ୍ଥାର ପ୍ରୟାସକୁ ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଟ୍ଂ ଆକାଉଟାଂଟ୍‌ମାନଙ୍କର ପଦକ୍ଷେପ ଗୁଡ଼ିକ ଆତ୍ମ ନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି ଜାତୀୟ ପ୍ରାଥମିକତା ବିଷୟ ସହିତ ସମନ୍ୱିତ କରୁଛି ବୋଲି କହିଥିଲେ। ଓଡ଼ିଶା ଏହାର ସମୃଦ୍ଧ ଶିଳ୍ପ, ପ୍ରଗତିଶୀଳନୀତି ଏବଂ ଶିକ୍ଷା ଉପରେ ଧ୍ୟାନ ସହିତ ଭାରତର ଅଭିବୃଦ୍ଧିରେ ଏକ ଶକ୍ତିଶାଳୀ କେନ୍ଦ୍ର ଭାବେ ଉଭା ହୋଇଛି। ଆଇ.ସି.ଏମ.ଏ ଆଇ ଏବଂ ଓଡ଼ିଶାର ଇକୋ ସିଷ୍ଟମ୍ ମଧ୍ୟରେ ସହଯୋଗର ଅପାର ସମ୍ଭାବନା ରହିଛି। ଆପଣମାନେ ଏମ୍.ଏସ୍.ଏମ୍.ଇ.କୁ ସହଯୋଗ କରି ଦକ୍ଷତା ବୃଦ୍ଧି କରିପାରିବେ। ଦକ୍ଷତା ବୃଦ୍ଧି ଏବଂ ନବସୃଜନ ପ୍ରତି ଆପଣମାନଙ୍କର ପ୍ରତିବଦ୍ଧତା ଭବିଷ୍ୟତ ପୀଢ଼ି ପାଇଁ ସ୍ଥିରତା ଏବଂ ଉତ୍କର୍ଷତାର ଐତିହ୍ୟ ଗଠନ କରିପାରିବ ବୋଲି ରାଜ୍ୟପାଳ କହିଥିଲେ। ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ୍ ରିନ୍ୟୁଏବଲ୍ ଏନର୍ଜି ଡେଭେଲପମେଂଟ ଏଜେନ୍ସି ଲିଃର ଚେୟାରମ୍ୟାନ ଓ ମ୍ୟାନେଜିଂ ଡିରେକ୍ଟର ପ୍ରଦୀପ କୁମାର ଦାସ, ଓପିଜିସି ଲିଃର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଆଇସିଏମ୍‌ଏଆଇର ଅଧ୍ୟକ୍ଷ ତଥା ଚିଫ୍ ପାଟ୍ରନ ବିଭୁତି ଭୂଷଣ ନାୟକ, କାଉନସିଲ୍ ମେମ୍ବର ତଥା କନ୍‌ଭେନର ମନୋଜ କୁମାର ଆନନ୍ଦ ଓ ବିନୟ ରଂଜନ ପି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ଏନ୍‌ସିଏମ୍‌ଏସିର ଚେୟାରମ୍ୟାନ ଶ୍ରୀନିବାସ ପ୍ରସାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଷ୍ଟାର୍ଟଅପ୍ ଓଡ଼ିଶା ଓ ଫୋନ୍‌ପେ ମଧ୍ୟରେ ଏମ୍‌ଓୟୁ




ଭୁବନେଶ୍ୱର,୨୪।୫ (ମହାଭାରତ): ସ୍ଥାନୀୟ ଓ-ହବ ଠାରେ ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଫୋନ୍ପେ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସହଜ ବ୍ୟବସାୟ ସୁନିଶ୍ଚିତ କରିବା ସହ ଷ୍ଟାର୍ଟଅପଗୁଡ଼ିକୁ ଡିଜିଟାଲ୍ ଭାବରେ ସଶକ୍ତ କରିବା ଲକ୍ଷ୍ୟରେ ଏହା ସ୍ୱାକ୍ଷରିତ ହୋଇଛି। ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀ କମଲଜିତ ଦାସ ଏବଂ ଫୋନ୍ପେ ଲିମିଟେଡ୍ ମର୍ଚ୍ଚାଣ୍ଟ ବ୍ୟବସାୟର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଶ୍ରୀ ଯୁବରାଜ ସିଂହ ଶେଖାଓ୍ୱତ ଆନୁଷ୍ଠାନିକ ଭାବେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଷ୍ଟାର୍ଟଅପ୍ ପ୍ଲାଟଫର୍ମର ଅନବୋର୍ଡିଂ ନୀତି ଏବଂ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ଫୋନ୍ପେ ଅତ୍ୟାଧୁନିକ ଡିଜିଟାଲ୍ ଭିତ୍ତିଭୂମି, ପେମେଣ୍ଟ ପ୍ରଯୁକ୍ତିବିଦ୍ୟା ସମାଧାନ, ମାର୍କେଟିଂ ଏବଂ ପ୍ରୋତ୍ସାହନମୂଳକ ସହାୟତା ଯୋଗାଇ ଦେବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅତିରିକ୍ତ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଷ୍ଟାର୍ଟଅପ୍ ଓଡ଼ିଶା ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ ସ୍ଥାନିତ କରିବା ପାଇଁ ଲକ୍ଷ୍ୟ ରଖିଛି।

# ସିଟିଟିସି ପରିଦର୍ଶନରେ ଇସ୍ରୋ ଅଧ୍ୟକ୍ଷ



ଭୁବନେଶ୍ୱର,୨୪।୫ (ମହାଭାରତ): ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍‌ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ପରିଦର୍ଶନ କରିଛନ୍ତି ଇଣ୍ଡିଆନ ସ୍ପେସ ରିସର୍ଚ୍ଚ ଅର୍ଗାନାଇଜେସନ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ୍। ଏ ଅବସରରେ ସେ ଅପରେସନ ସିନ୍ଦୂରରେ ନିର୍ଦ୍ଦିଷ୍ଟ ଭାବେ ଇସ୍ରୋର ଭୂମିକା ଥିଲା ତାହା ଜଣାଇ ନଥିଲେ ମଧ୍ୟ ଏବେ ଇସ୍ରୋର ୫୬ ସାଟେଲାଇଟ ଅପରେସନାଲ ଅଛି, ଯାହା ମଧ୍ୟରୁ ଅନେକ ଦେଶର ସୁରକ୍ଷା ପାଇଁ ବ୍ୟବହାର ହେଉଛି ବୋଲି କହିଛନ୍ତି ଇସ୍ରୋ ଅଧ୍ୟକ୍ଷ। ସେ କହିଛନ୍ତ, ଇସ୍ରୋ ଦେଶର ସୀମା ସୁରକ୍ଷା ସହ ଖାଦ୍ୟ ନିରାପତ୍ତା, ଜଳ ନିରାପତ୍ତା, ଟେଲି ଏଜୁକେଶନ, ପାଣିପାଗଦିଗରେ ମଧ୍ୟ କାମ କରୁଛି।

ଏହି ଅବସରରେ ସେ କହିଛନ୍ତି ଯେ, ଏବେ ଇସ୍ରୋ ଚନ୍ଦ୍ରାୟନ ୪ ଓ ଚନ୍ଦ୍ରାୟନ-୫ ଉପରେ କାମ କରୁଛି। ଚନ୍ଦ୍ରାୟନ ୪ ଏକ ସାମ୍ପୁଲ କଲେକ୍ସନ ମିଶନ ଭାବେ ଯିବ। ପ୍ରଥମ ଥର ଲାଗି ଏହି ମିଶନ ଚନ୍ଦ୍ରରୁ ନମୂନା ସଂଗ୍ରହ କରି ଭାରତକୁ ଫେରିବ। ଏହାପରେ ଚନ୍ଦ୍ରାୟନ -୫ ଜାପାନର ଜ୍ୟାକ ସହ ମିଶି ଲଞ୍ଚ କରାଯିବ। ଚନ୍ଦ୍ରାୟନ-୩ ଲ୍ୟାଣ୍ଡର ଓଜନ ଥିଲା ୧୬୦୦ କିଲୋଗ୍ରାମ ଓ ସେଥିରୁ ରୋଭର ଓଜନ ଥିଲା ୨୫ କିଲୋଗ୍ରାମ। ଚନ୍ଦ୍ରାୟନ ୫ ର ଲ୍ୟାଣ୍ଡର ଓଜନ ୬୪୦୦ କିଲୋ ଓ ରୋଭର୍ ଓଜନ ରହିବ ୩୫୦ କିଲୋ। ଚନ୍ଦ୍ରାୟନ ୩ ର ଜୀବନ କାଳ ଥିଲା ୧୪ ଦିନ, ଚନ୍ଦ୍ରାୟନ ୫ର ଜୀବନ କାଳ ରହିବ ୧୦୦ ଦିନ। ସେହିପରି ଗଗନୟାନ ଉପରେ ମଧ୍ୟ କାମ କରୁଛି ଇସ୍ରୋ। ପ୍ରଥମ କ୍ରିୟୁଡ ମିଶନ ଏହି ବର୍ଷ ହେବ। ଏହାପରେ ଆଉ ୨ ଟି କ୍ରିୟୁଡ ମିଶନ ପରେ ୨୦୨୭ ପ୍ରଥମ ତ୍ରୟମାସରେ ସ୍ପେସ ଯାତ୍ରୀଙ୍କୁ ନେଇ ଯିବ। ନାସା ସହଭାଗିତାରେ ଦୁଇଟି ମିଶନ ହେବ। ଇସ୍ରୋରେ ତୃତୀୟ ଲଞ୍ଚପ୍ୟାଡ ଓ ଦ୍ୱିତୀୟ ଲାଞ୍ଚ କମ୍ପ୍ଲେକ୍ସ ବି ବିକାଶ ହେଉଛି। ମହାକାଶରେ ନିଜସ୍ୱ ସ୍ପେସ ଷ୍ଟେସନ୍ ବିକାଶ କରୁଛି ଇସ୍ରୋ। ସ୍ପେସ ଷ୍ଟେସନ୍ ର ଓଜନ୍ ୫୨ ଟନ୍ ରହିବ। ୫ ଥରରେ ପଠାଯିବ ସ୍ପେସ ଷ୍ଟେସନ୍‌ର ମଡ୍ୟୁଲ। ୨୦୨୮ରେ ପ୍ରତିଷ୍ଠା ହେବ ପ୍ରଥମ ଭାରତ ସ୍ପେସ ଷ୍ଟେସନ୍। ସିଟିଟିସି ସମେତ ପ୍ରାୟ ୪୫୦ ଶିଳ୍ପ ସହ ସହଭାଗିତା କରିଛି ଇସ୍ରୋ।

# ଓଡ଼ିଶା ନିର୍ମାଣ ନିଗମର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୪।୫ (ମହାଭାରତ): ଓଡିଶା ନିର୍ମାଣ ନିଗମ ଲିମିଟେଡ୍ ( ଓସିସିଏଲ ), ଭୁବନେଶ୍ୱରର ୬୩ ତମ ପ୍ରତିଷ୍ଠା ଦିବସ ଆଜି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ନିଗମ ତରଫରୁ ନିଗମର କାର୍ଯ୍ୟ ଏବଂ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ କୁ ଲକ୍ଷ୍ୟ ରଖି ଏବଂ ଭବିଷ୍ୟତ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ ପରିପ୍ରେକ୍ଷୀରେ ଏକ ଗୁରୁତ୍ୱ ପୂର୍ଣ୍ଣ କର୍ମଶାଳାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତଥା ଓସିସିଏଲର ଅଧ୍ୟକ୍ଷା ଶ୍ରୀମତୀ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉନ୍ନୟନ କମିଶନର ତଥା ଓସିସିଏଲ ଅଧ୍ୟକ୍ଷା ଶ୍ରୀମତୀ ଗର୍ଗ ଓସିସିଏଲର ଟିମକୁ ସେମାନଙ୍କର ସଫଳତା ପାଇଁ ପ୍ରଶଂସା କରିବା ସହିତ ନିଗମର ଭବିଷ୍ୟତ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ନିଗମର କାର୍ଯ୍ୟ ଦକ୍ଷତାକୁ ଆହୁରି ବୃଦ୍ଧି କରିବା ପାଇଁ ଯାନ୍ତ୍ରିକ ବିଶେଷଜ୍ଞଙ୍କ ସହିତ ନିଗମର ପରିଚାଳନା କ୍ଷେତ୍ରରେ ନିରନ୍ତର ପରାମର୍ଶ କରିବାର ଆବଶ୍ୟକତା ରହିଛି ଯ ଅନ୍ୟ ପଡ଼ୋଶୀ ରାଜ୍ୟ ତୁଳନାରେ ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ଜାହିର କରିବାକୁ ସଫଳତାରେ ଆହୁରି ଉନ୍ନତି କରିବାକୁ ସେ ଓସିସିଏଲକୁ ପରାମର୍ଶ ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଓସିସିଏଲ ଏହାର ମୁଖ୍ୟ କାର୍ଯ୍ୟ ଭାବେ ଜଳ ସଂପଦ ବିଭାଗର କାର୍ଯ୍ୟ କରିବା ସହିତ ଓଡ଼ିଶା, ରାଜ୍ୟ ବାହାରେ ଏବଂ ଅନ୍ୟ ବିଭିନ୍ନ ବିଭାଗର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପରେ ଗୁଣାତ୍ମକ କାର୍ଯ୍ୟ କରି ନିରନ୍ତରତା ବଜାୟ ରଖିଛି। ଓସିସିଏଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିଭୂତି ଭୂଷଣ ଦାଶ ଓସିସିଏଲ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲ ଯେ, ୧୯୬୨ ମସିହାରେ ସ୍ଥାପନ ପରଠାରୁ ନିଗମ ନିରନ୍ତର ଭାବରେ ଏହାର ପ୍ରଦର୍ଶନରେ ଉଲ୍ଲେଖନୀୟ ସଫଳତା ହାସଲ କରିଆସୁଛି। ରାଜ୍ୟର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଓଡ଼ିଶାର ସଫଳତା ଓ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ସେ ଆଲୋକପାତ କରିଥିଲେ। ଆୟୋଜିତ କର୍ମଶାଳାରେ ଆଗାମୀ ଦିନରେ ନିଗମ କିପରି ଏକ ଦୃତ ପ୍ରଗତିଶୀଳ ସଂସ୍ଥା ଭାବେ ଏହାର ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥିତି ଜାହିର କରିବ, ସେ ସଂପର୍କରେ ବିଶେଷଜ୍ଞ ତଥା ବକ୍ତାମାନେ ଆଲୋକପାତ କରିଥିଲେ। ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଚନ୍ଦ୍ରଶେଖର ପାଢୀ, ଇଂଜିନିୟରିଂ ସଂସ୍ଥାର ବିଶ୍ୱ ସଂଗଠନ ଉପ ସଭାପତି ଇଂ. ଅଶୋକ ବାସା, ଓସିସିଏଲର ପ୍ରାକ୍ତନ ପରିଚାଳନା ନିର୍ଦ୍ଦେଶକ ଇଂ. ଅସୀମ କୁମାର ମହାପାତ୍ର, ଓୟୁଟିଆର ର କୁଳପତି ପ୍ରଫେସର ଇଂ ବିଭୂତି ଭୂଷଣ ବିଶ୍ୱାଳ, ଆଇଆଇଟି,ଭୁବନେଶ୍ୱରର ପ୍ରଫେସର ଡଃ. ଶରତ ପଣ୍ଡା, ଆଇଆଇଆଇଟିର କମ୍ପ୍ୟୁଟର ବିଜ୍ଞାନ ପ୍ରଫେସର ଡଃ. ବିଭୁତି ମିଶ୍ର ପ୍ରମୁଖ ବିଶେଷଜ୍ଞମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ।

# ସୁଗମ, ସଠିକ୍ ଓ ଦାୟିତ୍ୱପୂର୍ଣ୍ଣ ମତଦାନ ପାଇଁ ସବୁ ଭୋଟରଙ୍କୁ ସଶକ୍ତ କରାଯିବ

ଭୁବନେଶ୍ୱର,୨୪।୫ (ମହାଭାରତ): ମତଦାନ ପ୍ରକ୍ରିୟାକୁ ଅଧିକ ସୁଗମ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ଗତକାଲି ଘୋଷଣା କରିଛନ୍ତି ଯେ ଗୋଟିଏ ମତଦାନ କେନ୍ଦ୍ରରେ ସର୍ବାଧିକ ଭୋଟରଙ୍କ ସଂଖ୍ୟାକୁ ୧୫୦୦ ରୁ ୧୨୦୦କୁ ହ୍ରାସ କରାଯିବ। ଏହି ପଦକ୍ଷେପ ମତଦାନ କେନ୍ଦ୍ରରେ ଭିଡ଼ ଏବଂ ମତଦାନ ପାଇଁ ଅପେକ୍ଷା ସମୟକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ ବୋଲି ଆଶା କରାଯାଉଛି।

ଏହା ବ୍ୟତିତ, ସହରାଞ୍ଚଳ ଜନବସତିର ବୃଦ୍ଧିକୁ ଚିହ୍ନଟ କରି, ବହୁତଳ ବିଶିଷ୍ଟ ଆବାସିକ ସମାଜ ଏବଂ କଲୋନୀ ଗୁଡ଼ିକରେ ଅତିରିକ୍ତ ମତଦାନ କେନ୍ଦ୍ର ଗୁଡ଼ିକର ସ୍ଥାପନା ପାଇଁ ଏକ ଦୃଷ୍ଟିକୋଣ ରଖାଯାଇଛି ଯାହା ଦ୍ୱାରା ସହରାଞ୍ଚଳର ସ୍ଥାନୀୟ ଭୋଟର ମାନଙ୍କ ପାଇଁ ମତଦାନକୁ ଅଧିକ ସୁବିଧାଜନକ ଏବଂ ସୁଗମ କରାଯାଇପାରିବ। ଏହା ଛଡ଼ା, ଭୋଟର ସୂଚନା ସ୍ଲିପକୁ ଅଧିକ ବ୍ୟବହାରକାରୀ-ଅନୁକୂଳ କରାଯିବ, ମତଦାନ ବିବରଣୀର ସହଜ ଚିହ୍ନଟ ପାଇଁ କ୍ରମ ଏବଂ ଅଂଶ ଅଙ୍କ ଗୁଡ଼ିକୁ ଅଧିକ ପ୍ରମୁଖ ଭାବରେ ପ୍ରଦର୍ଶିତ କରାଯିବ। ଭୋଟର ତାଲିକାର ସଠିକତା ବୃଦ୍ଧି କରିବା ପାଇଁ ମଧ୍ୟ ନିର୍ବାଚନ ଆୟୋଗ କିଛି ପଦକ୍ଷେପ ନେଉଛନ୍ତି, ଯେପରି ଏବେ ଆୟୋଗ ସିଧାସଳଖ ଭାରତର ରେଜିଷ୍ଟ୍ରାର ଜେନେରାଲ ଠାରୁ ମୃତ୍ୟୁ ପଞ୍ଜୀକରଣ ତଥ୍ୟ ପ୍ରାପ୍ତ କରିପାରିବେ ଏବଂ ଯାଞ୍ଚ ପରେ ଏହି ତଥ୍ୟକୁ ବ୍ୟବହାର କରି ମୃତ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେଇ ପାରିବେ। ଏହା ଦ୍ୱାରା ଅଧିକ ଦକ୍ଷତାର ସହ ଭୋଟର ତାଲିକାର ସଠିକତାକୁ ସୁନିଶ୍ଚିତ କରାଯାଇପାରିବ। ଏହା ବ୍ୟତିତ, ନିର୍ବାଚନ ଆୟୋଗ ଦେଶବ୍ୟାପୀ ରାଜନୈତିକ ଦଳଗୁଡ଼ିକୁ ଜଡ଼ିତ କରିବା ପାଇଁ ଏକ ବ୍ୟାପକ ପ୍ରସାର କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରିଛନ୍ତି ଏବଂ ଏପର୍ଯ୍ୟନ୍ତ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ୪୦ଟି , ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ୮୦୦ଟି, ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ଦ୍ୱାରା ୩,୮୭୯ , ଏହିପରି ସର୍ବମୋଟ ୪,୭୧୯ଟି ବୈଠକ ଅନୁଷ୍ଠିତ କରାଯାଇସାରିଛି। ଏହି ବୈଠକରେ ରାଜନୈତିକ ଦଳ ମାନଙ୍କର ୨୮ ହଜାରରୁ ଅଧିକ ପ୍ରତିନିଧି ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହା ସହିତ, ଆୟୋଗ ଅନେକ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳ ଯେପରି ଆମ ଆଦମୀ ପାର୍ଟି, ଭା.ଜ.ପା, ବହୁଜନ ସମାଜ ପାର୍ଟି, କମ୍ୟୁନିଷ୍ଟ ଦଳ ଏବଂ ନ୍ୟାସନାଲ ପିପୁଲ୍ସ ପାର୍ଟିର ମୁଖ୍ୟ ମାନଙ୍କ ସହ ବୈଠକ ମଧ୍ୟ କରିଥିଲେ।

# ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗର ସମୀକ୍ଷା



ଭୁବନେଶ୍ୱର,୨୪।୫ (ମହାଭାରତ): ବିଦ୍ୟାଳୟ ଓ ଗଣଶିକ୍ଷା ତଥା ସାମାଜିକ ସୁରକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ବୁଧବାର ଭୁବନେଶ୍ୱରର ୟୁନିଟ୍-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲ କ୍ୟାମ୍ପସର ଏସଆଇଡିଆର ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ନିୟତି ପଟ୍ଟନାୟକ, ଆର୍ଥିକ ପରାମର୍ଶଦାତା ଓ ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସୋନିଆ ବେହେରା ଓ ଭାସ୍କର ରଇତ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ/କର୍ମଚାରୀ ଉପସ୍ଥିତ ଥିଲେ।

ମନ୍ତ୍ରୀ ବିଭାଗର ବିଭିନ୍ନ ଯୋଜନା/କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ପେନସନ ମଞ୍ଜୁରିର ସ୍ଥିତି, ଚାଲୁରହିଥିବା କାର୍ଯ୍ୟ/ପ୍ରକଳ୍ପ, ଆଇନଗତ ପ୍ରସଙ୍ଗ ଇତ୍ୟାଦି ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ ଏବଂ ସେଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ପଦକ୍ଷେପ ନେବାପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୋଗ୍ୟ ହିତାଧିକାରୀମାନେ ଯେପରି ସହଜରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମର ଲାଭ ପାଇପାରିବେ ସେଥିପାଇଁ ପ୍ରଶାସନିକ ପ୍ରତିବନ୍ଧକ ଏବଂ ନୀତିଗତ ସମସ୍ୟା ଦୂର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଅତିରିକ୍ତ ୮୩,୧୩୫ ଜଣ ହିତାଧିକାରୀଙ୍କୁ ପ୍ରତିମାସ ୩,୫୦୦ ଟଙ୍କା ବର୍ଦ୍ଧିତ ହାରରେ ସାମାଜିକ ସୁରକ୍ଷା ପେନସନ ମଞ୍ଜୁର କରାଯାଇଛି ଏବଂ ରାଜ୍ୟରେ ମୋଟ ୫ ଲକ୍ଷ ହିତାଧିକାରୀ ବର୍ଦ୍ଧିତ ହାରରେ ଭତା ପାଉଛନ୍ତି । ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରିବାକୁ ଏବଂ ରାଜ୍ୟରେ ଚାଲୁଥିବା ଅନୁଷ୍ଠାନ / ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ବୃଦ୍ଧାଶ୍ରମଗୁଡ଼ିକୁ ନିୟମିତ ପରିଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ବିଭାଗର ବଜେଟ ଅନୁଦାନର ସ୍ଥିତି ସମୀକ୍ଷା କରି, ମନ୍ତ୍ରୀ ବଜେଟର ୧୦୦% ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବୃଦ୍ଧା, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପକୁ ସଠିକ୍ ଭାବରେ ସମୟୋଚିତ ଭାବରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ।

# ଇଏସ୍‌ଆଇ ସୁପର ସ୍ପେଶାଲିଟି ଓପିଡ଼ିର ଶୁଭାରମ୍ଭ

ଭୁବନେଶ୍ୱର,୨୪।୫ (ମହାଭାରତ): କର୍ମଚାରୀ ରାଜ୍ୟ ବୀମା ଯୋଜନା ଏକ ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଓ ସାମାଜିକ ସୁରକ୍ଷା ଯୋଜନା ଯେଉଁଥିରେ ସଂଗଠିତ କ୍ଷେତ୍ରରେ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଥାଏ। ବୀମାଭୁକ୍ତ କର୍ମଚାରୀ ତଥା ସେମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟମାନେ ମଧ୍ୟ ଏହି ବୀମା ସେବା ପାଇଥାନ୍ତି । ଏହି ଯୋଜନା ଓଡ଼ିଶାରେ ୧୯୬୦ ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି । ବର୍ତ୍ତମାନ ଏହି ଯୋଜନାରେ ଓଡ଼ିଶାରେ ୪ ଗୋଟି ହସ୍ପିଟାଲ ଓ ୫୩ ଟି ଡିସପେନ୍ସାରୀ ମାଧ୍ୟମରେ ପ୍ରାୟତଃ ୧୦ ଲକ୍ଷ ବୀମାଭୁକ୍ତ କର୍ମଚାରୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି । ଏତଦ୍ ବ୍ୟତୀତ ଆଉ ୫ ଟି ନୂତନ ଡାକ୍ତରଖାନା ଖୋଲାଯିବାର ପ୍ରସ୍ତାବ ରହିଛି ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ଯୋଗାଇଦେବା କର୍ମଚାରୀ ରାଜ୍ୟ ବୀମା ଯୋଜନାର ମୂଳ ଲକ୍ଷ୍ୟ।



ସାଂପ୍ରତିକ ସ୍ଥିତି ଅନୁସାରେ କିଡନୀ, ହୃଦରୋଗ ଇତ୍ୟାଦି ବହୁମାତ୍ରାରେ ଦେଖାଯାଉଛି। ଏଥିନିମନ୍ତେ ହିତାଧିକାରୀମାନଙ୍କ ଉନ୍ନତ ଚିକିତ୍ସା ନିମନ୍ତେ ୧୨ ଟି ସେକେଣ୍ଡାରି କେୟାର ଓ ୧୫ ଟି ଟେରଟିଆରି କେୟାର ସହ ଚୁକ୍ତି କରାଯାଇଛି। ବୀମାଭୁକ୍ତ କର୍ମଚାରୀଙ୍କୁ ଅଧିକ ଚିକିତ୍ସା ସେବା ଯୋଗାଇବାପାଇଁ ପ୍ରତ୍ୟକ ଜିଲ୍ଲା ସ୍ତରରେ କେକେଣ୍ଡାରୀ କେୟାର ସହ ଖୁବଶୀଘ୍ର ଚୁକ୍ତି କରାଯାଉଛି । ନିକଟରେ ପ୍ରଥମ କରି ଭୁବନେଶ୍ୱରରେ କର୍ମଚାରୀ ରାଜ୍ୟ ବୀମା ( ଇ .ଏସ. ଆଇ) ହସ୍ପିଟାଲରେ ଡ଼ାଏଲେସିସ ୟୁନିଟ ଖୋଲାଯାଇଛି।

ଏହି ବୀମାଭୁକ୍ତ କର୍ମଚାରୀମାନଙ୍କର ସୁବିଧାପାଇଁ ଇ .ଏସ. ଆଇ ହସ୍ପିଟାଲ, ଭୁବନେଶ୍ୱରରେ ଆଜି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ଉଚ୍ଚ ବିଶେଷଜ୍ଞ ବହିବିଭାଗ ଚିକିତ୍ସାର ଶୁଭ ଉଦଘାଟନ କରିଛନ୍ତି। ଏହି ସେବା ହାଇ-ଟେକ ମେଡ଼ିକାଲ କଲେଜ ଓ ହସପିଟାଲ, ଭୁବନେଶ୍ୱରଙ୍କ ସହଭାଗିତାରେ କାର୍ଯ୍ୟକାରୀ ହେବ ଏଥିରେ ଉଚ୍ଚ ବିଶେଷଜ୍ଞ ଚିକିତ୍ସା ଯଥା -ଇଉରୋଲୋଜି, କାର୍ଡିଓଲୋଜି, ଅଙ୍କଲୋଜି, ନ୍ୟୁରୋସର୍ଜରୀ, ନେଫ୍ରୋଲୋଜି,ନିଉରୋଲୋଜି ଏବଂ ଏଣ୍ଡୋକ୍ରାଇନୋଲୋଜି ର ସୁବିଧା ରହିଛି।

ଏହି ସେବା ମଧ୍ୟ ବୀମାଭୁକ୍ତ କର୍ମଚାରୀ ତଥା ସେମାନଙ୍କ ପରିବାର ସଦସ୍ୟ ମାନଙ୍କ ନିମନ୍ତେ ବିନା ଦେୟରେ ଉପଲବ୍ଧ। ରାଜ୍ୟ ସରକାର ବୀମାଭୁକ୍ତ କର୍ମଚାରୀ ମାନଙ୍କୁ ସମସ୍ତ ଚିକିତ୍ସା ସୁବିଧା ବିନା ବାଧାରେ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ।

## କିଶୋର ସାମଲଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୪।୫ (ମହାଭାରତ): ଲୋକପ୍ରିୟ ସଂଗଠକ, ଜଣାଶୁଣା ସମାଜସେବୀ, ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ କାଉନସିଲର ତଥା ଚୌଦ୍ୱାର କଲେଜର ପୁରାତନ ଛାତ୍ର ସଂସଦର ଉପସଭାପତି କିଶୋର ସାମଲଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଦୋଳଯାତ୍ରା ପଡ଼ିଆ ସନ୍ନିକଟ କଳାନିକେତନ କ୍ଲବ ପରିସରରେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ସଭାପତି ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

# ୩୫ କୋଟି ଟଙ୍କା ବ୍ୟୟରେ ୪ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୫ (ମହାଭାରତ): ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ବୁଧବାର କଟକ ଜିଲ୍ଲା ସାଲେପୁର ଓ ମାହାଙ୍ଗାରେ ତ୍ରିରଙ୍ଗା ଯାତ୍ରାରେ ଯୋଗଦାନ କରିବା ସହ ଚାରି ଗୋଟି ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଊଣେଇଶି ଗୋଟି ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ ଉକ୍ତ ଅଂଚଳର ଲୋକଙ୍କ ସମସ୍ୟାର ସମାଧାନ କରିବା ସହ ସମଗ୍ର ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ।

ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଆଜି କଟକ ଜିଲ୍ଲାରେ ପଂଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଅନେକ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ସାଲେପୁର ବିଧାନସଭା କ୍ଷେତ୍ରରେ ପ୍ରାୟ ପଇଁ ତିରିଶି କୋଟି ଟଙ୍କା ବ୍ୟୟ ଅଟକଳର ଚାରିଗୋଟି ପାନୀୟଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହା ସହ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏକଶହ ଦଶ କୋଟି ଟଙ୍କା ବ୍ୟୟ ଅଟକଳରେ ଊଣେଇଶି ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ମଧ୍ୟରେ ବିଭିନ୍ନ ବିଧାନସଭା କ୍ଷେତ୍ର ଅଧୀନରେ ଯଥା: ମାହାଙ୍ଗା- ଦୁଇ ଗୋଟି, କଟକ ସଦର- ତିନିଗୋଟି, ନିଆଳି- ଦୁଇ ଗୋଟି, ସାଲେପୁର- ପାଂଚଗୋଟି, ଆଠଗଡ- ଦୁଇ ଗୋଟି, ବଡ଼ମ୍ବା- ତିନି ଗୋଟି, ବାଙ୍କି- ଦୁଇ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ପ୍ରକଳ୍ପଗୁଡ଼ିକ ଉକ୍ତ ଅଂଚଳର ଲୋକଙ୍କ ସମସ୍ୟାର ସମାଧାନ କରିବା ସହ ସମଗ୍ର ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତପ୍ରକାଶ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ ସାଲେପୁର ଓ ମାହାଙ୍ଗାଠାରେ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇ ଦେଶର ତିନି ସେନାବାହିନୀର ଅପୂର୍ବ ବଳ, ପରାକ୍ରମ, ଯଶ ଓ କୀର୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ଅପରେସନ ସିନ୍ଦୁରରେ ସେମାନେ ଯେଉଳି ସମଗ୍ର ଦେଶକୁ ଗୌରବାନ୍ୱିତ କରିଛନ୍ତି ସେଥି ପାଇଁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଥିଲେ । ଏହା ସହ ଦେଶପ୍ରେମର ବହ୍ନିରେ ଉଦବୁଦ୍ଧ ହୋଇ ରାଷ୍ଟ୍ର ପ୍ରତି ସମର୍ପିତ କାର୍ଯ୍ୟ କରିବା ପାଇଁ ସେ ସଭିଙ୍କୁ ଉତ୍ସାହିତ କରିଥିଲେ ।

# ସରକାରକୁ ବର୍ଷେ

ଓଡ଼ିଶାରେ ବିଜେପି ପ୍ରଥମ ଥର ପାଇଁ ନିଜ ବଳରେ ସରକାର ଗଠନ କରିଥିବାରୁ ଏହାର ମହତ୍ୱ ବେଶ ଅଧିକ। ଗତ ବର୍ଷ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଉଭୟ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନରେ ସ୍ପଷ୍ଟ ଜନାଦେଶ ପାଇଥିଲା। ବିଧାନସଭାର ୧୪୭ ଆସନ ମଧ୍ୟରୁ ବିଜେପି ୭୮ଟି ଆସନ ଜିତିଥିବା ବେଳେ ୩ଜଣ ସ୍ୱାଧୀନ ବିଧାୟକ ବିଜେପି ସପକ୍ଷରେ ଅଛନ୍ତି। ସେହିପରି ଓଡ଼ିଶାର ୨୧ଟି ଲୋକସଭା ଆସନ ମଧ୍ୟରୁ ବିଜେପି ଏକାକି ୨୦ଟି ପାଇଥିବା ବେଳେ ବାକି ଗୋଟିଏ ଆସନ କଂଗ୍ରେସ ଦଖଲ କରିଥିଲା। ସେତେବେଳେ ଶାସନ କ୍ଷମତାରେ ଥିବା ବିଜେଡି ସମ୍ପୂର୍ଣ୍ଣ ମୂଳପୋଛ ହୋଇଯାଇଥିଲା। ଇତିମଧ୍ୟରେ ରାଜ୍ୟସଭାରେ ମଧ୍ୟ ବିଜେପିର ସଭ୍ୟ ସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ଦୃଢ଼ ଓ ସ୍ଥିର ସରକାର ଚାଲିଛି। ଅଶୀ ଦଶକରେ ଓଡ଼ିଶାରେ ବିଜେପିକୁ ଏକ ସାଇନ ବୋର୍ଡ ପାର୍ଟୀ କୁହାଯାଉଥିଲା। ଯଦିଓ ବିଜେପି ସପକ୍ଷରେ ଜନମତ ଥିଲା ତାହା ଭୋଟରେ ରୂପାନ୍ତରିତ ହୋଇପାରୁନଥିଲା। ଅଣକଂଗ୍ରେସ ରାଜନୀତିର ନେତୃତ୍ୱ ବିଜୁ ବାବୁଙ୍କ ଜନତା ଦଳ ହାତରେ ଥିଲା। କଂଗ୍ରେସ ବିରୋଧୀ ଭୋଟର ସିଂହଭାଗ ଜନତା ଦଳ ସପକ୍ଷରେ ଯାଉଥିଲା। କିନ୍ତୁ ଧିରେ ଧିରେ ଜନତା ଦଳର ଅବକ୍ଷୟ ଏବଂ ଜାତୀୟ ରାଜନୀତିରେ ବିଜେପିର ପ୍ରଭାବ ବୃଦ୍ଧି, ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱ ପ୍ରତି ଓଡ଼ିଶାବାସୀ ଆକର୍ଷିତ ହୋଇଥିଲେ। ତେଣୁ ନବେଦଶକର ମଧ୍ୟଭାଗରୁ ଓଡ଼ିଶାରେ ବିଜେପିର ଭୋଟ ପ୍ରତିଶତ ବଢ଼ିବାରେ ଲାଗିଥିଲା। ଶେଷରେ ବିଜେପି ସହ ମେଣ୍ଟ ବା ଆସନ ବୁଝାମଣା ପାଇଁ ଜନତା ଦଳର ବିଭାଜନ ହୋଇ ବିଜୁ ଜନତା ଦଳ ଗଠିତ ହୋଇଥିଲା। ବିଜେଡି-ବିଜେପି ମେଣ୍ଟ ଓଡ଼ିଶା ରାଜନୀତିର ଗତି ପଥ ବଦଳାଇ ଦେଇଥିଲା। ବିଜେଡି-ବିଜେପି ମେଣ୍ଟ ଆଗରେ କଂଗ୍ରେସ ଧୂଳିସାତ ହୋଇଗଲା। ସେଥିପାଇଁ ଆଜିକୁ ୨୫ ବର୍ଷ ହେବ କଂଗ୍ରେସ ରାଜ୍ୟରେ କ୍ଷମତା ବାହାରେ ରହିଛି। ୧୯୯୮ରୁ ସବୁ ନିର୍ବାଚନରେ କଂଗ୍ରେସ ପରାସ୍ତ ହେଉଛି। ଏପରିକି ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଯିବା ପରେ ମଧ୍ୟ କଂଗ୍ରେସ ଏଥିରୁ ଫାଇଦା ଉଠାଇପାରିଲା ନାହିଁ। ଶେଷରେ କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ଭୂମିକାରୁ ମଧ୍ୟ ଚାଲିଗଲା। କଂଗ୍ରେସ ପରିବର୍ତ୍ତେ ବିଜେପି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇଲା। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ରହିବା ପରେ ଲୋକେ ପରିବର୍ତ୍ତନ କଲେ। କିନ୍ତୁ ପରିବର୍ତ୍ତନର ଫାଇଦା କଂଗ୍ରେସ ନୁହେଁ, ବିଜେପି ସପକ୍ଷରେ ଗଲା। ୨୦୨୪ ନିର୍ବାଚନରେ ବିଜେପି ଏକାକି ଲଢ଼ି ରାଜ୍ୟରେ କ୍ଷମତାସୀନ ହେଲା। ତିନି ଦଶନ୍ଧିର ସଂଘର୍ଷ ଏବଂ ସ୍ୱପ୍ନ ସଫଳ ହେଲା। ଓଡ଼ିଶାର ରାଜନୈତିକ ଇତିହାସରେ ଏହା ଥିଲା ଏକ ବଡ଼ ଘଟଣା। ଯାହା ହେଉ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ କରିବା ପରେ ଗତ ବର୍ଷକ ଭିତରେ ଅନେକ କାମ କରିଛନ୍ତି। ସବୁଠାରୁ ବଡ଼ କାମ ହେଲା ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା। ନିର୍ବାଚନ ବେଳେ ବିଜେପି ପକ୍ଷରୁ ଏଥିଲାଗି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଯୋଜନାରେ ୧୮ରୁ ୬୦ ବର୍ଷ ବୟସ୍କ ମହିଳାଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦିଆଯିବ। ୫ ବର୍ଷରେ ମୋଟ ୫୦ ହଜାର ଟଙ୍କା ପାଇବେ। ପ୍ରଥମ ବର୍ଷ କୋଟିଏ ମହିଳା ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଇସାରିଲେଣି। ଏହା ଦ୍ୱାରା ଅନେକ ଗରିବ ମହିଳା ଉପକୃତ ହେଉଛନ୍ତି। ସେହିପରି କ୍ଷମତାକୁ ଆସିବାର କିଛି ସପ୍ତାହ ମଧ୍ୟରେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଖୋଲାଯିବା ସହିତ ମରାମତି ପ୍ରକ୍ରିୟା ଆରମ୍ଭ ହୋଇଛି।

# ବିଗିଡି ଯାଉଛି ପିଲାଦିନ

॥ ଜୟନ୍ତୀ ପଣ୍ଡା ॥

“ *ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ୍ୟ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା।*

ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି। ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ୍ୟ ଅନେକ ସାମ୍ନା କରିଥାନ୍ତି। ବାସ୍ତବକଥା ହେଉଛି ପିଲାଦିନଟି ସତରେ କ’ଣ ବିଗିଡ଼ି ଯାଇଛି ? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧ୍ୟାପକ/ଅଧ୍ୟାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧ୍ୟରେ ଫୁଟବଲ ପାଲଟୁଛନ୍ତି। ଛାତ୍ରଛାତ୍ରୀଙ୍କ ପର୍ଫମାନ୍ସର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଳୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଚ୍ଛା କରନ୍ତି।

ଏ ଅବସ୍ଥା କ’ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ୍ୟ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଚ୍ଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିଯିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ୍ୟ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ୍ୟ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ - ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ୍ୟ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଚ୍ଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ୍ୟ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ୍ୟ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ୍ୟ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ୍ୟ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରୀରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତ୍କ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।


ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,
ସେକ୍ଟର-୮୮, ଫରିଦାବାଦ, ହରିଆନା


# ବାର୍ଦ୍ଧକ୍ୟର ଗତିରୋଧ

॥ ପ୍ରଫୁଲ୍ଲ କୁମାର ଦାସ ॥

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ୍ୟ ମାନବ ମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ୍ୟ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ୍ୟ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।


କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩


# ମାନବିକତା ହିଁ ପରମ ଧର୍ମ

॥ ମୌଲାନା ଫଜଲ ହକ ଖାଁ ॥

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ୍ୟ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛଁ ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; ‘ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ଯହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।’

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ’ଣ ଦେଲା ? କାହିଁକି ଏ ବିପ୍ଳାପ୍ତ ? ସମ୍ପର୍କରେ ତାତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମର୍ତେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; ‘ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।’


ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭




# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସୁରେଶ୍ୱରୀଙ୍କୁ ମିଳିଲା ଭାରତରତ୍ନ ଅବଦୁଲ କଲାମ ସଂମତୁଭ ଆୱାର୍ଡ଼

ହାଟଡିହ, (ମହାଭାରତ) : ହାଟଡିହି ବ୍ଲକର ଝିଅ ଦିଲ୍ଲୀରେ ପୁରସ୍କୃତ। ଗ୍ରାମାଞ୍ଚଳ ଲୋକଙ୍କ ସମସ୍ୟାରେ ସମାଧାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଆଜି ସୁଦୂର କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ର ଝିଅ ସୁରେଶ୍ୱରୀ ସାଗରିକା ଦିଲ୍ଲୀର ହୋଟେଲ ସମ୍ରାଟରେ ପୁରସ୍କୃତ ହୋଇଛନ୍ତି। ସେ ସାମାଜିକ କାର୍ଯ୍ୟ ପାଇଁ ଖୁବ୍ ଚର୍ଚ୍ଚା ରେ ରହିଆସୁଥିବା ବେଳେ ଏବେ ଭାରତରତ୍ନ ଅବଦୁଲ କଲାମ ସମତୁଭ ଆୱାର୍ଡ଼ ର ଶ୍ରେଷ୍ଠ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ପାଇବାକୁ ହେଲେ ନିରପେକ୍ଷ ଭାବେ ଲୋକଙ୍କୁ ସାହାଯ୍ୟ ସହୋଜୋଗ କରିବାକୁ ପଡେ। ସୁରେଶ୍ୱରୀ ସାରା ଓଡ଼ିଶା ରେ ନିଜର ସଂଗଠନ ପକ୍ଷରୁ ସାହାଯ୍ୟ କରୁଥିବାରୁ ଓଡ଼ିଶା ରୁ ତାଙ୍କୁ ଚୟନ କରାଯାଇଥିଲା। ଏହା ଆୱାର୍ଡ଼ ଗ୍ଲୋବାଲ ଅଚିଭର ଆୱାର୍ଡ଼ ପକ୍ଷରୁ ସମ୍ମାନିତ କରା ଯାଇଛି। ଏହି କାର୍ଯ୍ୟକ୍ରମ ରେ ଆର ସେଲଭମ , ଡଃ ରଜମହେନ୍ଦ୍ରି ସିଂ, ଧାମରାଓ ବାବା ଅର୍ତମ , ସୋମନାଥ ଭାରତୀ, ମୁନା କୁମାର ଶର୍ମା, ଅନୁରାଧା ଲାଲ, ଭିନୋଦ କୁମାର ଲାଲ ସାହା, ମହମ୍ମଦ ମୁସିବସଲେମ୍ ମୁଶିଭା ଆସ୍ଲେମ୍, ଆସିକଲା ନାଗରଜ୍, ବି ମନ୍ନୁର ଅଲ୍ଲୀ, ସୂର୍ଯ୍ୟନାରାୟଣ, ନରେନ୍ଦ୍ର ଅଭୋରା, କିରଣ ବଙ୍ଗୋଲ, ଜିସୁର ବାଲା ସୂରଗାଁଓ, କରୁ ପାନା ସମ ଗାୟାଲ, ଜି ଗୁରୁ ମୂର୍ତ୍ତି, ଶ୍ରୀଧର ଆୟର, ପ୍ରମୁଖ ମାନ୍ୟଗନ୍ୟ ବ୍ୟକ୍ତି ମାନେ ଯୋଗ ଦେଇ ସୁରେଶ୍ୱରି ଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତି ଙ୍କୁ ସମ୍ମାନିତ କରିଛନ୍ତି। ଯାହାକି ନେଇ କେନ୍ଦୁଝର ତଥା ସହୋଯୋଗ ପାଉଥିବା ଉପାନ୍ତ ଜିଲ୍ଲା ରେ ସୁରେଶ୍ୱରୀଙ୍କ ଏହି ସମ୍ମାନକୁ ପାଇ ତାଙ୍କ କାର୍ଯ୍ୟ କୁ ପ୍ରଶଂସା କରୁଛନ୍ତି।

## କଲେଜ ନିର୍ବାଚନ: ବିରୋଧୀଦଳରେ କମୁଛି ଯୁବ ବର୍ଗ ସଂଖ୍ୟା

ହାଟଡିହି, (ମହାଭାରତ) : ଏବର୍ଷ ହେବ କଲେଜ ସ୍ତର ରେ ଛାତ୍ର ନିର୍ବାଚନ, ପୂର୍ବରୁ ବନ୍ଦ ହୋଇଥିବା ଛାତ୍ର ନିର୍ବାଚନ ପାଇଁ ଶାସକ ଦଳ ଅଣ୍ଟା ଭିଡୁ ଥିବା ବେଳେ ଉଭୟ ବିଜୁ ଜନତା ଦଳ ଓ କଂଗ୍ରେସ ଦଳରେ କମୁଛି ଯୁବ ବର୍ଗ ଙ୍କ ସଂଖ୍ୟା। କାରଣ ବିରୋଧୀ ଦଳର ପୁରୁଖା ନେତାମାନେ ନିଜ ନିଜ କଥା ଚିନ୍ତା କରୁଥିବା ବେଳେ ସଂଗଠନ କଥା ମୁଣ୍ଡରେ ପୁରାଉ ନଥିବା ଦେଖିବାକୁ ମିଳୁଛି। ଶାସକ ଦଳର କର୍ମୀ ମାନେ ସବୁ ପଞ୍ଚାୟତ ରେ ନିଜର ଦପଦପା ଜାହିର କରିବା ସହ ବ୍ଲକ ଓ ପଞ୍ଚାୟତ କାମ କୁ ନିଜ ଆୟତ ରେ ରଖି ଭଲ ରୋଜଗାର କରୁଛନ୍ତି। ଫଳରେ ବିରୋଧୀ ଦଳରେ ଥିବା ଯୁବବର୍ଗଙ୍କୁ ଏବେ ହତାଶ ହେବାକୁ ପଡ଼ିଛି। ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ଜିତୀ ଥିଲେ ସୁଦ୍ଧା ଆନନ୍ଦପୁର ବିଧାୟକ ସଂଗଠନ ସଜାଡ଼ିବା ଦାୟିତ୍ୱ କମୁ ନେଉ ଥିବାରୁ ଉଭୟ ହାଟଡିହି ବ୍ଲକ ଏବଂ ଆନନ୍ଦପୁର ବ୍ଲକ ରେ କର୍ମୀ ମାନେ ଦଳରୁ ମୁହଁ ଫେରାଇବାକୁ ଲାଗିଲାଣି। ବିରୋଧୀ ବିଜୁ ଜନତା ଦଳର ବରିଷ୍ଠ କର୍ମୀ ମାନେ ନୂତନ ଯୁବବର୍ଗଙ୍କୁ ବିଧାୟକ ପାଣ୍ଠି କାର୍ଯ୍ୟ କରିବାକୁ ସୁଯୋଗ ଦେଉନଥିବା ରୁ ଅଧିକାଂଶ ସରପଞ୍ଚ ଙ୍କ ସହ ସେମାନଙ୍କ ସମର୍ଥକ ମାନେ ଏବେ ଶାସକ ବିଜେପି ଦଳର ସଂଗଠନ କୁ ମଜବୁତ୍ କରିବାକୁ ଅଣ୍ଟା ଭିଡୁ ଛନ୍ତି। ତାହା ଛଡା ବିଧାୟକଙ୍କ କୌଣସି କଥା କାମ ଦେଉନଥିବା ରୁ ସେ ଚୁପ ରହୁଥିବା ଦେଖିବାକୁ ମିଳୁଛି। ଏବେ ହାଟଡିହି ବ୍ଲକ ଅଧକ୍ଷା ନିଜେ ବିଧାୟକଙ୍କ ପତ୍ନୀ ସାବିତ୍ରୀ ସେଠୀ ରହି ଛନ୍ତି। ହାଟଡିହି ବ୍ଲକ ଅଧକ୍ଷା ଶାସକ ଦଳର କର୍ମୀ ମାନଙ୍କ ମଧ୍ୟରେ ସାଲିସ ଥିବା ନେଇ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଉଛି। କେବଳ ଶାସକ ଦଳର କର୍ମୀ ମାନେ ହିଁ ସବୁ ଉନ୍ନୟନ କାର୍ଯ୍ୟ କରୁଥିବାରୁ ବିଜୁ ଜନତା ଦଳର କର୍ମୀ ମାନେ ଚୁପଚାପ୍ ରହିଛନ୍ତି। ତେଣୁ ଏଥିପାଇଁ ଦଳ ରେ ସଂଗଠନ ଧୀରେ ଧୀରେ ଭାଙ୍ଗୁ ଥିବା ନେଇ ଚର୍ଚ୍ଚା ହେଉଛି। ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ ହେବ ଛାତ୍ର ସଂସଦ ନିର୍ବାଚନ। ଯାହାକୁ ନେଇ ସବୁଠି ଦଳ ଯୁବ ବର୍ଗଙ୍କୁ କିପରି ଅଧିକରୁ ଅଧିକ ଆକୃଷ୍ଟ କରିହେବ ସେଥିପାଇଁ ଚେଷ୍ଟା କରୁଥିବା ବେଳେ ଉଭୟ ବିରୋଧୀ କେବଳ ନିଜ ପାଖରେ ସୀମିତ।

## ସମସ୍ୟା ଘେରରେ ଗୋଶାଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଶାଣୀ ବ୍ଲକରେ ଥିବା ଗୋଶାଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମସ୍ୟା ଘେରରେ ଥିବା ଦେଖିବାକୁ ମିଳିଛି।ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମଚାରୀଙ୍କ ଦୀର୍ଘ ବର୍ଷ ହେଲା ବଦଳି ହେଉନଥିବା ଅଭିଯୋଗ ହେଉଥିବା ହେଉଛି। ହେଡ କ୍ଲର୍କ ୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ ରତ ଅଛନ୍ତି। କର୍ମଚାରୀମାନେ ହେଡ କ୍ୱାଟରେ ରହୁନଥିବା ଅଭିଯୋଗ ହେଉଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ ମାନେ ମଧ୍ୟ ହେଡ କ୍ୱାଟର ରେ ରାହୁନଥିବା ଅଭିଯୋଗ ହେଉଛି। ସରକାରଙ୍କ ବିଭିନ୍ନ ଯୋଜନାରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ନୂତନ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଜନ ସାଧାରଣ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

## ଗୋମାତା ଚାଲାଣ ବେଳେ ଉଦ୍ଧାର: ଚାରି ଅଟକ

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲାରୁ ଆନ୍ଧ୍ର ପ୍ରଦେଶକୁ ଗୋଚାଲାଣ କରୁଥିବା ବେଳେ ଭେଟନଇ ଠାରେ ୫୦ରୁ ଉର୍ଦ୍ଧ ଗୋମାତା ସହ ୪ଜଣ ଅଟକ। ଆସିକା ବ୍ଲକ କୋଟିନଡ଼ା ଥାନା ଭେଟନଈ ଦେଇ ରାଜ୍ୟ ବାହାରକୁ ଗୋଚାଲାଣ ହେଉଥିବା ସମୟରେ ଚାରି ଜଣ ବ୍ୟକ୍ତିଙ୍କ ସହ ପଚାଶରୁ ଉର୍ଦ୍ଧ୍ୱ ଗାଈ ନେଇ ଆସୁଥିବା ବେଳେ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ମାନେ ସେମାନଙ୍କ ପିଛା କରି ସ୍ଥାନୀୟ ଲୋକଙ୍କ ସହାୟତାରେ ଆସିକା ଭେଟନଈ ଗହିର ରାସ୍ତା ନିକଟରେ ଅଟକାଇ ପୋଲିସକୁ ଖବର ଦେଇଥିଲେ । ଘଟଣାର ଖବର ପାଇ କୋଟିନଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ସହ ଘଟଣାର ତଦନ୍ତ କରିବା ସହ ଗୋ ଚାଲାଣରେ ଆହୁରି ଅନେକ ଲୋକ ସମ୍ପୃକ୍ତ ନେଇ ତଦନ୍ତ ଚଳାଇଛି ପୋଲିସ। ଗୋ ଚାଲାଣର ମାଷ୍ଟର ମାଇଣ୍ଡ ସହ କାରରେ ଆସିଥିବା ଅନ୍ୟ ଆଠ ଜଣ ଫେରାର ଥିବା ଜଣାଯାଇଛି । ପ୍ରକାଶ ଥାଉ କି ଆସିକା ଅସୁରେଇ ପଲ୍ଲୀର ଧୋବା ଗୌଡ, ତ୍ରିନାଥ ଗୌଡ଼, ଡାକୁଆ ଖଦାଳ, ନାରାୟଣ ନାୟକ ଚାରି ଜଣ ବ୍ୟକ୍ତିଙ୍କ ସହାୟତାରେ କବିସୂର୍ଯ୍ୟନଗର ଥାନା ବାଲିଛାଇ ରୁ ୫୦ ରୁ ଉର୍ଦ୍ଧ ଗାଈ ନେଇ ଭେଟନଈ ଆସୁଥିଲେ । ଭେଟନଇରୁ ବରଗଡ଼ ହୋଇ ଗାଈ ଗୁଡ଼ିକୁ ଆନ୍ଧ୍ର ଚାଲାଣ କରିବାର ଲକ୍ଷ ରଖା ଯାଇଥିଲା । ଗାଡ଼ି ରେ ନେଲେ ଧରା ପଡ଼ିବା ଭୟରେ ଗାଈ ଗୁଡ଼ିକୁ ଚଲେଇ ଚଲେଇ ଆଣିଥିବା ବେଳେ ବଜରଙ୍ଗ ଦଳ ସହାୟତା ଗୋ ଚାଲାଣ କାରୀଙ୍କୁ ମାଡି ବସିଥିଲେ ସ୍ଥାନୀୟ ଲୋକେ । ସେମାନଙ୍କୁ ସୁରକ୍ଷା ଦେବାକୁ କାର ରେ ଆସିଥିବା ଅନ୍ୟ ଆଠଜଣ ଫେରାର ଥିବା କହିଛନ୍ତି ସ୍ଥାନୀୟ ଲୋକେ ।

## ବନମାଳୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ସଫଳତା

ବାଲିପାଟଣା, (ମହାଭାରତ) : ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷାରେ ବାଲିପାଟଣା ଅନ୍ତର୍ଗତ ବନମାଳୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅନନ୍ୟ ସଫଳତ ହାସଲ କରି ଚମକିଛନ୍ତି । ଜୟଦେବ ଅଂଚଳରେ +୨ ବିଜ୍ଞାନ ବିଭାଗରେ ସବୁଠାରୁ ଅଧିକ ୫୪୫ ମାର୍କ ରଖି ଏହି କଲେଜର ବିଶ୍ୱରୂପା ସ୍ୱାଇଁ ରେକର୍ଡ ସୃଷ୍ଟି କରିବା ସହିତ ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି । କେବଳ ଏତିକି ନୁହେଁ ଉକ୍ତ କଲେଜର ବିଜ୍ଞାନ ବିଭାଗରେ ୫୪୨ ନମ୍ବର ସହିତ ଲକ୍ଷ୍ମୀପ୍ରିୟା ସାହୁ ସମଗ୍ର ଜୟଦେବରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ୫୪୧ ନମ୍ବର ରଖି ଲେଭିନା ରାୟ ସାମନ୍ତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତବର୍ଷ +୨ ପରୀକ୍ଷାରେ ବିଜ୍ଞାନ ବିଭାଗରେ କଲେଜରୁ ମୋଟ ୪୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୮ ଜଣ ପ୍ରଥମ ଶ୍ରେଣୀରେ, ୮ ଜଣ ପରୀକ୍ଷାର୍ଥୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି କଳା ବିଭାଗରେ କଲେଜରୁ ମୋଟ ୯୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୭ ଜଣ ପ୍ରଥମ ଶ୍ରେଣୀରେ, ୧୮ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୪୨ ଜଣ ପରୀକ୍ଷାର୍ଥୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜୟଦେବ ଅଂଚଳରେ ବିଜ୍ଞାନରେ ଟପ୍ପର ହୋଇଥିବା ବିଶ୍ୱରୂପା ସ୍ୱାଇଁ ତାଙ୍କ ସଫଳତାର ଶ୍ରେୟ ତାଙ୍କ ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷଙ୍କୁ ଦେଇଛନ୍ତି। କଲେଜର ଅଧ୍ୟାପକ , ଅଧ୍ୟାପିକା ମାନଙ୍କ ନିଷ୍ଠାପର ଶିକ୍ଷାଦାନ, କଲେଜର ଉତ୍ତମ ଶୈକ୍ଷିକ ପରିବେଶ ପାଇଁ ସେ ସଫଳତା ପାଇଥିବା କହିଛନ୍ତି ବିଶ୍ୱରୂପା । ଏହି ଅବସରରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଶିଶୁ ଅନନ୍ତ ପ୍ରେସ କ୍ଲବ ସଭାପତ ବ୍ୱିଦ୍ୟା ଭୂଷଣ ଭୋଳ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଫଳ ରେକର୍ଡ ତଥା ସମ୍ପୂର୍ଣ୍ଣ ଜୟଦେବ ଅଞ୍ଚଳରେ ସୁନାମ ଅର୍ଜନ କରିଥିବାରୁ ଅନୁଷ୍ଠାନର ଅଧକ୍ଷା ରଶ୍ମିରେଖା ରଥ, ପୂର୍ବତନ ଅଧକ୍ଷ କଲ୍ୟାଣ ପଣ୍ଡା, ବିଶ୍ୱ ରଞ୍ଜନ ଦାସ, ରଶ୍ମି ରଞ୍ଜନ ବାରିକଙ୍କ ସହ ଅଧ୍ୟାପକ ଓ ଅଧ୍ୟାପିକା ମଣ୍ଡଳି କୃତି ଛାତ୍ରଛାତ୍ରୀ ମାନଙ୍କୁ କଲେଜ ତରଫରୁ ସମ୍ବୋଧିତ କରିବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# 'ଦୁର୍ନୀତି ଚେର ଯେତେ ଲମ୍ବା ହେଲେ ବି ସମୂଳେ ଉତ୍ପାଟନ ହେବ'

ଗଞ୍ଜାମ, (ମହାଭାରତ) : ଯେତେ ବଡ ପ୍ରଭାବୀ ହୁଅନ୍ତୁ ନା କାହିଁକି, ଦୁର୍ନୀତିର ଚେର, ଚୋରା ଖଣି କାରବାରର ଚେର, ଯେତେଦୂର ପର୍ଯ୍ୟନ୍ତ ଲମ୍ବି ଥାଉ ନା କାହିଁକି ଏହାର ତଦନ୍ତ ହେବ । କଡ଼ା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ।' ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଓ କୋଇଡ଼ା ତହସିଲ ଅଞ୍ଚଳରେ ହୋଇଥିବା ବ୍ୟାପକ ବେଆଇନ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ଏସ୍ଆଇଟି ଗଠନ କରାଯାଇଛି । ରାଜ୍ୟର ଖଣି ଦୁର୍ନୀତିରେ ଯେଉଁମାନେ ସଂପୃକ୍ତ ଥାଆନ୍ତୁ ନାଁ କାହିଁକି



ସମସ୍ତେ ତଦନ୍ତ ପରିସରକୁ ଆସିବେ । ' ବ୍ରହ୍ମପୁରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା । ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ବିଭାଗୀୟ ଅଧିକାରୀଙ୍କ ସହିତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ଗସ୍ତ କରିଥିଲେ । ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି 'ରାଜ୍ୟରେ ଖଣି ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କଡା ନିର୍ଦ୍ଦେଶ ରହିଛି । ସୁନ୍ଦରଗଡ଼ ଜିଲ୍ଲାର ଖଣି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଦୁର୍ନୀତି ବିରୁଦ୍ଧରେ ବିଶେଷ କରି ଖଣି ଦୁର୍ନୀତି ସମ୍ପର୍କରେ ସବୁବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି । ଖଣି ଦୁର୍ନୀତିର ମୂଳୋତ୍ପାଟନ କରାଯିବ ବୋଲି ସେ ବାରମ୍ବାର କହିଆସିଛନ୍ତି କ୍ଷ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଜେନା ଏହି ଘଟଣାକୁ ଗୁରୁତ୍ୱ ସହ ଗ୍ରହଣ କରିବା ସହ ଦୋଷୀ ଯେ କେହି ବି ହୋଇଥାନ୍ତୁ ନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଖଣି ମନ୍ତ୍ରୀ କହିଛନ୍ତି ' ସୁନ୍ଦରଗଡ଼ ଜିଲ୍ଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ୍ ଟନ୍ ?ରୁ ଅଧିକ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି । ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ । ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରନ୍ସୋରା ଗ୍ରାମରେ ଏବଂ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ । ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି । ଏଥିସହିତ ହେମଗିରିର ଜାମଖାନି ସଂରକ୍ଷିତ ଜଙ୍ଗଲ ଏବଂ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ମିଳିଛି ।

## ବୈତରଣୀ ନଦୀ ବଞ୍ଚାଅ ରଣ ହୁଙ୍କାର ଦେଲେ ଚାଷୀ ଓ ଟ୍ରକ୍ ମାଲିକ ସଂଘ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଠାରେ ନିର୍ମାଣ ହେଉଥିବା ଓଡ଼ିଶାର ବୃହତ୍ତମ କାନପୁର ଡିଆମ୍ ଏଥିରେ ଦେଖିବାକୁ ଗଲେ ଚାଷୀ ଓ ଗାଡି ମାଲିକ ମାନେ ରଣ ହୁଙ୍କାର ଦେଉଛନ୍ତି। ବୈତରଣୀ ବଞ୍ଚାଅ ଏହି କରିଯୋଜନା କାନପୁର ଜଳସେଚନ ପ୍ରକଳ୍ପ ବୈତରଣୀ ନଦୀ ଉପରେ ପୂର୍ଣ୍ଣ ରୂପ ରେଖ ନେଉଥିବା ଜଳାଶୟରୁ ପାଣି ନେବା ପାଇଁ ଶିଳ୍ପ କମ୍ପାନୀ ମାନଙ୍କର ଇନ୍ଟେକ୍ ୱେଲ ନିର୍ମାଣ ହେଉଛି ବୋଲି ଚାଷୀମାନେ ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ କରିଆସୁଥିଲେ । ଏହି କାନପୁର ନଦୀବନ୍ଧ ପ୍ରକଳ୍ପ ପାଇଁ ୧୬ ଗୋଟି ବୁଡି ଗ୍ରାମର ଜନ ସାଧାରଣ ଭିଟାମାଟି ହରାଇ ଏଯାବତ୍ ସେମାନଙ୍କର ସମ୍ପୂର୍ଣ ଥଇଥାନ ସରକାର କରି ନ ଥିବା ବେଳେ ଶିଳ୍ପ କୁ ଜଳ ଆବଣ୍ଟନ ପାଇଁ ପୂର୍ବ ସରକାର ଚୁକ୍ତି କରିଥିଲେ। ସରକାର ବଦଳିଲା ସତ କିନ୍ତୁ ଚରିତ୍ର ବଦଳି ନ ଥିବା ଆହ୍ୱାନ ଦେଇ ବୈତରଣୀ ନଦୀ ବଞ୍ଚାଅ ଅଭିଯାନ ପକ୍ଷରୁ ଚାଷୀ ଏବଂ ଟ୍ରକ୍ ମାଲିକ ମାନଙ୍କୁ ନେଇ ଏକ ବିଶାଳ ସମ୍ମିଳନୀ କଣ୍ଡରା ଠାରେ ଆୟୋଜିତ ହୋଇ ଯାଇଛି । ଜଳ ସେଚନ ପାଇଁ ଉଦ୍ଦିଷ୍ଟ ଥିବା ଏହି ଡ୍ୟାମ ରୁ ଶିଳ୍ପ କମ୍ପାନୀ ମାନେ ପାଇପଲାଇନ୍ ଜରିଆରେ ଲୁହାପଥର ପରିବହନ ପାଇଁ ଜଳାଶୟ ମଧ୍ୟରୁ ପାଣି ଶୋଷି ନେବେ । ଜଳସେଚନ ରୁ ବଞ୍ଚିତ ହେବେ ଚାଷୀ, ପରିବହନ କାର୍ଯ୍ୟରୁ ବଞ୍ଚିତ ହେବେ ଟ୍ରକ୍ ବ୍ୟବସାୟୀ ।ଶନିବାର କଣ୍ଡରା ଠାରେ ଆୟୋଜିତ ଏହି ସଭା ରେ ସାରା ଦେଶରେ ଜଳ ମାନବ ଭାବେ ପରିଚିତ ରାଜେନ୍ଦ୍ର ସିଂ, ମାଗାସେସେ ପୁରସ୍କାର ପ୍ରାପ୍ତ





ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ନଦୀ ବଞ୍ଚାଅ ଆନ୍ଦୋଳନ ପ୍ରମୁଖ ସଦସ୍ୟା ବ୍ରତୀନ୍ଦି ଜେନା, ନଦୀ ବଞ୍ଚାଅ ଆନ୍ଦୋଳନ ର କେନ୍ଦୁଝର ଜିଲ୍ଲାର ପ୍ରମୁଖ ସଦସ୍ୟ ଅଶୋକ ଠକ୍କର, ଭଦ୍ରକର ବିଶିଷ୍ଟ ପରିବେଶ ବିତ ପ୍ରତାପ ପାଢ଼ୀ,ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା, କଣ୍ଡର। ସରପଞ୍ଚ ରିନା ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ପୂର୍ବତନ ଯୋଡା ବ୍ଲକ୍ ଅଧ୍ୟକ୍ଷ ଗିରିଧାରୀ ନାଏକ ପ୍ରମୁଖଙ୍କ ସମେତ ଜିଲ୍ଲା ର ବିଭିନ୍ନ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ । ସ୍ଥାନୀୟ ଅଞ୍ଚଳ ର ଶତାଧିକ ଚାଷୀ, କେନ୍ଦୁଝର ଜିଲ୍ଲା ଠାରୁ ଆରମ୍ଭ କରି ଯାଜପୁର, ଚଣ୍ଡିଖୋଲ, ଭଦ୍ରକ ଅଞ୍ଚଳର ଟ୍ରକ୍ ମାଲିକ ଏଥିରେ ଅଂଶ ଗ୍ରହଣ କରିଥିଲେ । ବୈତରଣୀ ନଦୀ ବଞ୍ଚାଅ ସମ୍ମିଳନୀରେ ୬ଟି ପ୍ରସ୍ତାବ ଆଗତ କରାଯାଇଥିଲା । ସୁଦର୍ଶନ ଦାସ ଦେଇଥିବା ସୂଚନା ଅନୁଯାୟୀ, ନଦୀ ଉପରେ ଶ୍ୱେତ ପତ୍ର ରାଜ୍ୟ ସରକାର ଜାରି କରନ୍ତୁ । ଅତୀତରେ ଜଳ କେତେ ଥିଲା ଏବଂ ଏବେ କେତେ ଅଛି ନଦୀରେ ଜଳ ପ୍ରବାହ ର ଗତି ସମ୍ପର୍କିତ ସୂଚନା ଶ୍ୱେତ ପତ୍ର ଜାରି କରି ସରକାର ଜନସାଧାରଣଙ୍କୁ ଅବଗତ କରାନ୍ତୁ। ନଦୀ ସୁରକ୍ଷା ପାଇଁ ରାଜ୍ୟ ସରକାର ନଦୀ ନୀତି ଆଣନ୍ତୁ ।ବୈତରଣୀ ନଦୀର ନିର୍ମଳ ଜଳକୁ ସ୍ଲରୀ ପାଇପ ଲାଇନ ଜରିଆରେ ବ୍ୟବହାର କରନ୍ତୁ ନାହିଁ, ପୂର୍ବ ସରକାରଙ୍କ ସମୟରେ ଶିଳ୍ପ କୁ ଜଳ ଦେବା ଚୁକ୍ତି କୁ ବାତିଲ କରନ୍ତୁ, ଶିଳ୍ପ ଓ ଖଣିର ବର୍ଜ୍ୟ ବସ୍ତୁର ନିଷ୍କାସନର ଜରିଆ ନଦୀ ନ ହେଉ, ଭାଗିଦାରୀ ମାନଙ୍କ ସହିତ ସରକାର ନଦୀ ବଞ୍ଚାଇବା ର ଦାୟିତ୍ୱ ନିଅନ୍ତୁ, ଖଣିକୁ ନିୟନ୍ତ୍ରିତ କରାଯାଇ ସରକାର ଖଣି ପରିଚାଳନା କରନ୍ତୁ ବୋଲି ପ୍ରସ୍ତାବ ଆଗତ ହୋଇ ଥିଲା । ଜନତା ସହିତ ନ୍ୟାୟିକ ପ୍ରକ୍ରିୟା କରାଯାଇ ଅନ୍ୟାୟ ବିରୁଦ୍ଧରେ ଲଢେଇ କରିବା ପାଇଁ ଜଳ ମାନବ ରାଜେନ୍ଦ୍ର ସିଂ କହିଥିଲେ । ବୈତରଣୀ ନଦୀର ସୁରକ୍ଷା ପାଇଁ ଆଗାମୀ ଦିନରେ ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ଗୋନାସିକାଠାରୁ ଭଦ୍ରକ ଜିଲ୍ଲାର ଧାମରା ଠାରେ ଥିବା ବଙ୍ଗୋପସାଗର ର ସଙ୍ଗମ ସ୍ଥଳ ପର୍ଯ୍ୟନ୍ତ ପଦଯାତ୍ରା କରି ଜନ ଆନ୍ଦୋଳନ କୁ ପରିବ୍ୟାପ୍ତ କରାଯିବ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଥିଲେ ।

## ରାଜସ୍ୱ ଓ ଖଣି ବିଭାଗର ମିଳିତ ଚଢଉ,୨୪ ଖଣି କ୍ରସର୍ ସିଲ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଥିବା ବେଆଇନ କ୍ରସର୍ ବର୍ଷବର୍ଷ ଧରି ଅଞ୍ଚଳରେ ବାୟୁ ମଣ୍ଡଳକୁ ପ୍ରଦୂଷଣ କରୁଥିବା ସହିତ ଦୂଷିତ ଜଳପାଇଁ ଗ୍ରାମବାସୀ କିଡ଼ିନି ଜନିତ ରୋଗରେ ଆକ୍ରାନ୍ତ ହେବା ଭଳି ଘଟଣା ବାରମ୍ବାର ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମ ଜରିଆରେ ବାରମ୍ବାର ଦୃଷ୍ଟି ଆକର୍ଷଣ ହେଉଥିଲା ।ଫଳରେ ସରକାରୀ ଉପଖଣ୍ଡ ରାଜସ୍ୱବିଭାଗ, ଜିଲ୍ଲା ଖଣି ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଦୁଇତିନି ଦିନ ପୂର୍ବରୁ କାରନ୍ଦା, ବାବନ୍ଧ, କନ୍ତିମିଲି ଆଦି ସ୍ଥାନ ମାନଙ୍କରେ ଅତର୍କିତ ଚଢଉ କରି ୨୪ ଟି ବେଆଇନ କ୍ରସର୍ ୟୁନିଟ ସିଲ୍ କରିବା ସହ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଥିବା ଜଣା ପଡ଼ିଛି। ଏହି ଚଢଉ ଫଳରେ ଆଖ ପାଖ ଅଞ୍ଚଳରେ ବେଆଇନ ସ୍ୱଲ୍, ମେଣ୍ଟାଲ ଆଦି କାରବାର କରି ଲୁଚା ଛପାଣୀଆ ଚାଲୁ ରଖିଥିବା କ୍ରସର୍ ମାଲିକ ମାନେ ଛାନିଆ ପଡ଼ି ଯାଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ଗତବର୍ଷ କାରନ୍ଦା ପଞ୍ଚାୟତ ଅନ୍ତର୍ଗତ ମାନିଆ ନାଳୀ ଗ୍ରାମ ନିକଟରେ ବେଆଇନ କ୍ରସର ଚାଲୁ ଥିବାରୁ ଶବ୍ଦ ପ୍ରଦୂଷଣ ଓ ଧୂଳି ଧୂଆଁରେ ଅସ୍ତ ବ୍ୟସ୍ତ ହୋଇ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଘେରାଉ କରି ଏହାର ସ୍ଥାୟୀ ସମାଧାନ ଦାବୀ କରି ଥିଲେ। ସେହିଭଳି ବାବନ୍ଧ ଓ ବେଡାପଡ଼ା ଗ୍ରାମର କେତେକ ବୁଦ୍ଧିଜୀବି ଓ ସଚେତନ ଗ୍ରାମବାସୀ ବେଆଇନ ଖଣି ଖନନ ଓ କ୍ରସର ଓ ବୋଲ ଡୁଜର ଚାଲୁ ଥିବା ଯୋଗୁଁ ଅସନ୍ତୋଷ ବ୍ୟକ୍ତ କରି ଆସୁ ଥିଲେ। ସେ ସବୁକୁ ଟ୍ରକ୍ ଯୋଗେ ବେଆଇନ ଭାବେ ପରିବହନ କରୁଥିବା ସମୟରେ ବାଲିମି ପୋଲିସ୍ ଜବତ କରି ମାମଲା ରୁଜୁ କରିଥିଲା। ଗତ ଗୁରୁବାର ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସତ୍ୟ କୁମାର ନନ୍ଦ, ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀଙ୍କ ସହ ଜିଲ୍ଲା ଖଣି ଓ ପ୍ରଦୂଷଣ ବିଭାଗ କର୍ମଚାରୀ ଢେଙ୍କାନାଳ ଟି ପି ସି ଡି ଓ ଏଲ ର କର୍ମଚାରୀ, ରାଜସ୍ୱ ବିଭାଗ ଅଧିକାରୀଙ୍କ ପ୍ରତିନିଧି, ଏସ ପି ଓ ବି ଏବଂ ପୋଲିସ ବାହିନୀ ଉପସ୍ଥିତ ଥିଲେ। ଗତ କାଲି ଚଢଉରେ ୧୫ ଟି କ୍ରସର ୟୁନିଟି ସିଲ୍ କରା ଯାଇଥିବା ବେଳେ ଦୁଇ ତିନି ଦିନ ପୂର୍ବରୁ ୯ ଟି ସିଲ୍ କରା ଯାଇ ଥିବା ନେଇ ହିନ୍ଦୋଳ ତହସିଲଦାର ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

## ବିନା ଟେଣ୍ଡର କୋର୍ଟ ମରାମତି କାର୍ଯ୍ୟକୁ ବିରୋଧ

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳ ରେ ରାଜ୍ୟ ସରକାରଙ୍କ ନୂତନ କୋର୍ଟ ନିର୍ମାଣ କାର୍ଯ୍ୟ ଓ ମରାମତି କାର୍ଯ୍ୟକୁ ବାରମ୍ବାର ବିରୋଧ କରାଯାଇଛି। ସୂଚନା ମୁତାବକ ଅସ୍ତରଙ୍ଗ ପୂର୍ବତନ ତହସିଲ କୋଠାକୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରସ୍ତାବିତ ଏଡ଼ିଯେଏମ୍ କୋର୍ଟ କରିବା ପାଇଁ ସମସ୍ତ ଚୁକ୍ତିନାମା ସରିବା ପରେ ଏହି କୋର୍ଟ ମରାମତି କାର୍ଯ୍ୟ ପାଇଁ ବିଜେପି ର ଜଣେ ନେତାଙ୍କୁ ପିଡବ୍ଲୁଡ଼ି ତରଫରୁ ଅନୁମତି ମିଳିଥିଲା ମାତ୍ର କାର୍ଯ୍ୟ କି ବିରୋଧ କରୁଥିବା ଅନ୍ୟ ଏକ ସକ୍ରିୟ ବିଜେପି ଗୋଷ୍ଠୀ ଏହା ବିନା ଟେଣ୍ଡର ରେ ହେଉଥିବାରୁ ଏହାକୁ ସମ୍ପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିଛନ୍ତି। ଯାହାକି ଫଳରେ ଆଜି ଏହି କୋର୍ଟ କ୍ୟାମ୍ପସ ପରିସରରେ ଅସ୍ତରଙ୍ଗ ପୋଲିସ ମୁତୟନ ହୋଇଥିଲେ। କିଛି ଘଣ୍ଟା ପରେ ଜୈନକ ବିଜେପି ଠିକାଦାର କୋଡ଼ି କୋଧାଳ ଧରି ସେହି ସ୍ଥାନରୁ ପଳେଇ ଆସିଥିଲେ ଆଉ ଘଟଣା ସ୍ଥଳରୁ ପୋଲିସ ମଧ୍ୟ ଫେରିଗଲେ ।

## ହିନ୍ଦୋଳରେ ଫରେଷ୍ଟ ଗାର୍ଡଙ୍କୁ ନୃଶଂସ ହତ୍ୟା

ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ପୁଣି ଫୁଟିଛି ବନ୍ଧୁକ ଏଥର ଲକ୍ଷରେ ସରକାରୀ ଅଧିକାରୀ। ଖବରରୁ ପ୍ରକାଶ ହିନ୍ଦୋଳ ବନାଞ୍ଚଳରେ ଜଙ୍ଗଲ ଦସ୍ୟୁ ତଥା ଅପରାଧୀ ମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାକୁ ଅଣ୍ଟା ଭିଡ଼ିଥିବା ରେଞ୍ଜର ଗୌତମ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ଜନ୍ତୁ ଶିକାର କରିବାକୁ ଯୋଜନା ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଫରେଷ୍ଟର ପ୍ରଲ୍ହାଦ ପ୍ରଧାନ ସଦଳବଳେ ଗତକାଲି ବିଳମ୍ବିତ ରାତି ୧୧ରୁ ୧୨ଟା ସମୟରେ ହିନ୍ଦୋଳ ବନାଞ୍ଚଳ ଓ ହିନ୍ଦୋଳ ଥାନା ଅନ୍ତର୍ଗତ ହିନ୍ଦୋଳ ଏନଏସି ୱାର୍ଡ ନଂ୧୪ ଅନ୍ତର୍ଗତ କଇ ଜଙ୍ଗଲ ମଝିରେ ଥିବା ଏକ ଫାର୍ମ ହାଉସକୁ ଘେରାଉ କରିଥିଲେ, ତେବେ ସେଠାରେ ବନ୍ଧୁକ ସହ ଥିବା କିଛି କୁଖ୍ୟାତ ଶିକାରୀଙ୍କୁ କାବୁ କରିବାବେଳେ ଜଣେ ଶିକାରୀ ଗୁଳି ମାଡ କରିବାରୁ ଫରେଷ୍ଟର ପ୍ରଲ୍ହାଦ ପ୍ରଧାନ ଗୁରୁତର ଆହତ ହୋଇଥିଲେ ତେବେ ସେଠାରୁ ଚାରିଜଣ ଶିକାରୀ ନରସିଂହପୁର ଥାନା କଣ୍ଟକଲୁର ସୁନୀଲ ଜେନା, ଦେବଭୂମିର ଲକ୍ଷ୍ମୀଧର ଆରୁଖ ଓ ହିନ୍ଦୋଳ ଥାନା ଇଲିରିସିଙ୍ଗାର ଶିବରାମ ପ୍ରଧାନ, ହିନ୍ଦୋଳ ଏନଏସି ର ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କୁ ବନବିଭାଗ କର୍ମଚାରୀମାନେ କାବୁ କରିବାସହ ତୁରନ୍ତ ଗୁରୁତର ଫରେଷ୍ଟର ପ୍ରଲ୍ହାଦଙ୍କୁ ପ୍ରଥମେ ହିନ୍ଦୋଳ ମେଡିକାଲ ଏବଂ ତୁରନ୍ତ ଡାକ୍ତର ପରାମର୍ଶରେ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟ ନେଇଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ତେବେ ସେଠାରେ ଥିବା ଅନ୍ୟ ଦୁର୍ଦ୍ଧାନ୍ତ ଶିକାରୀମାନେ ଫେରାର ହୋଇଯାଇଥିବା ଜଣାପଡିଛି। ଖୋଦ ଢେଙ୍କାନାଳ ଏସପି, ହିନ୍ଦୋଳ ଏସ୍ଡିପିଓ ଓ ହିନ୍ଦୋଳ ଥାନା ଅଧିକାରିଣୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହ ମିଶି ଛାନଭିନ କରୁଥିବା ସହ ଆଜି ସକାଳେ ହିନ୍ଦୋଳ ପୋଲିସ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ କେଶନଂ-୧୫୧ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସନ୍ଧନୀ କୁକୁର ସହାୟତାରେ ଘଟଣାର ଛାନଭିନ ଚଳାଇଛନ୍ତି ତଦନ୍ତ ପରେ ଘଟଣାର ରହସ୍ୟଉପରୁ ପରଦା ଉଠିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।ଏହି ଘଟଣାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବାସହ ୩୦ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ କାମାକ୍ଷାନଗର ଥାନା ଜିରିଡାମାଳି ଅଞ୍ଚଳର ସ୍ୱର୍ଗତ ପ୍ରଲ୍ହାଦ ପ୍ରଧାନ ଜଣେ କର୍ତ୍ତବ୍ୟନିଷ୍ଠ, ମେଳାପୀ ଦକ୍ଷ ଅଧିକାରୀ ସହ ନିଜର କର୍ତ୍ତବ୍ୟନିଷ୍କ୍ଷ ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିଲେ ତାଙ୍କ ବିୟୋଗରେ କର୍ମଚାରୀ ମହଲ ଓ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ବିଶୋଇ ରେଞ୍ଜ ଗାରଗାଡ଼ି ଜଙ୍ଗଲରୁ କାଠି ପତ୍ର ଆଣିବାକୁ ଯାଇଥିବା ୨୭ ବର୍ଷୀୟା ମହିଳା ଚାରମି ନାଏକ (ସ୍ୱାମୀ କୁଣ୍ଡିଆ ନାଏକ)କୁ ଆଜି ପୂର୍ବାହ୍ନ ସମୟରେ ବଣୁଆ ହାତୀ ଦଳି ଚକଟି ଘଟଣାସ୍ଥଳରେ ମାରି ଚାଲିଯାଇ ଅଛି। ତେବେ ସାଙ୍ଗରେ ନେଇଥିବା ଏକ ବର୍ଷର ଶିଶୁପୁତ୍ରଟିକୁ ମା ଚାରମି ନାଏକ ଦୂରରେ ଛାଡ଼ି ଯାଇଥିବାରୁ, ହାତୀଆକ୍ରମଣରୁ ବଞ୍ଚି ଯାଇଅଛି। ତେବେ ରାସ୍ତାରେ ଯାଉଥିବା ଲୋକେ ଶିଶୁ ପୁତ୍ର କୁ ଏକୁଟିଆ ଦେଖି ଆଖପାଖ ଦେଖିଲାବେଳକୁ ମୃତ ଅବସ୍ଥାରେ ଚାରମି କୁ ଦେଖିବାକୁ ପାଇଥିଲେ। ଉକ୍ତ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଅଞ୍ଚଳବାସୀ ସମେତ ଯୋଡିଆ ସରପଞ୍ଚ ସାବିତ୍ରୀ ସୋରେନ୍, ସମିତି ସଭ୍ୟ ଚାନ୍ଦ୍ରାଇ ସୋରେନ୍, ବିଶୋଇ ଫରେଷ୍ଟର ପ୍ରଭାତ ରଞ୍ଜନ ମାହନ୍ତ, ଫରେଷ୍ଟର ଶୁଭ ଲକ୍ଷ୍ମୀ ପାତ୍ର, ମଣଦା ରେଞ୍ଜର ଏସିଏଫ୍ ଧରିତ୍ରୀ ମୁର୍ମୁ, ଫରେଷ୍ଟର ପଙ୍କଜ ବେହେରା, ଯଜ୍ଞସିନୀ ମହାନ୍ତ, ପାରା ଷ୍ଟାଫ୍ ହରେକୃଷ୍ଣ ମହାନ୍ତ, ଅରୁଣ କୁମାର ବେହେରା, ଗୋବିନ୍ଦ ତୁଙ୍ଗ, ବାଜୁ ଟୁଡୁ, ରାକେଶ ବେହେରା ପହଞ୍ଚି ଘଟଣାର ତଦନ୍ତ କରୁଥିଲେ। ତେବେ ଚାରମି ନାଏକ ଗରିବ ପରିବାର ସାଙ୍ଗକୁ ଶିଶୁ ପୁତ୍ରର ଭବିଷ୍ୟତ ପାଇଁ ସରକାରୀ ସୁବିଧା ଶୀଘ୍ର ଯୋଗାଇ ଦେବା ପାଇଁ ସରପଞ୍ଚ, ସମିତି ସଭ୍ୟ ସମେତ ଗ୍ରାମବାସୀ ଗୁହାରି କରିଛନ୍ତି।

## ଲକ୍ଷାଧିକ ଟଙ୍କା ଝାମ୍ପି ନେଲେ ଦୁର୍ବୃତ୍ତ

ନୂଆଗାଁ, (ମହାଭାରତ) : ନୟାଗଡ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ଶୁକ୍ରବାର ମଧ୍ୟାହ୍ନରେ ଆଛୁପଡ଼ା ଜଙ୍ଗଲ ମଝିରୁ ମହନ୍ତ ଗୌଡ଼ଙ୍କ ଠାରୁ ଲକ୍ଷାଧିକ ଟଙ୍କା ଝାମ୍ପି ନେଲେ ଦୁର୍ବୃତ୍ତ। ଏନେଇ ନୂଆଗାଁ ଥାନାରେ ହୋଇଛି ଲିଖିତ ଅଭିଯୋଗ ।ସୂଚନା ଥାଉକି ଆଛୁପଡା ଗ୍ରାମର ଇନ୍ଦ୍ରମଣି ବେହେରା ଓ ମହନ୍ତ ଗୌଡ଼ଙ୍କ ସହିତ ନୂଆଗାଁ ଇଣ୍ଡିଆନ ଓଭର ସିଜ ବ୍ୟାଙ୍କରୁ ୧ ଲକ୍ଷ ୧୫ ହଜାର ଟଙ୍କା ଉଠାଣ କରି ଏକ୍ସ ଏଲ୍ ଗାଡ଼ିରେ ନିଜ ଗ୍ରାମକୁ ଫେରୁଥିଲେ। ମହିତମା ଜଙ୍ଗଲ ମଧ୍ୟରେ ଏକ ପଲସର ଗାଡ଼ିରେ ୩ଜଣ ଦୁର୍ବୃତ୍ତ ଆସି ଗାଡ଼ିକୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଏକ୍ସ ଏଲ ଗାଡିରୁ ତଳେ ପଡ଼ିଯାଇଥିଲେ। ମହନ୍ତ ଗୌଡ ଟଙ୍କା ବ୍ୟାଗ ଧରି ଥିବା ବେଳେ ତାକୁ ମାଡ଼ପିଟ କରିବା ସହ ବ୍ୟାଗରେ ଥିବା ଟଙ୍କାକୁ ଧରି ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ ।ଏନେଇ ମହନ୍ତ ଗୌଡ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ନୂଆଗାଁ ପୋଲିସ ୧୧୨/୨୫ରେ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ଶୁଭଶ୍ରୀ ଯୁକ୍ତ ଦୁଇ କଳାରେ ନୂଆଗାଁ ବ୍ଲକ ଟପ୍ପର ଶୁଭେଚ୍ଛା ଜଣାଇଲେ ବିଧାୟକ

ନୂଆଗାଁ, (ମହାଭାରତ) : ଓଡ଼ିଶା ସରକାରଙ୍କ ଯୁକ୍ତ ଦୁଇ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ବୁଧବାର ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ନୟାଗଡ଼ ଜିଲ୍ଲା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ଦୁଇ କଳା ପରୀକ୍ଷାରେ ୧୯୬ ଜଣ ପରୀକ୍ଷା ଦେଇଥିବା ବେଳେ ୧ମ ଶ୍ରେଣୀରେ ୫୩ ଜଣ , ୨ୟ ଶ୍ରେଣୀରେ ୨୮ ଜଣ ଓ ୩ୟ ଶ୍ରେଣୀରେ ୯୨ ଜଣ ଏହିପରି ଭାବେ ୧୭୩ ଜଣ କୃତିତ୍ୱ ଅର୍ଜନ ହୋଇଛନ୍ତି। ଛାତ୍ରୀ ଶୁଭଶ୍ରୀ ପଢ଼ିଆରୀ ୫୨୩ ନମ୍ବର ରଖି ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଗଡିଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଳିସାହିରେ ୨୮୨





ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୧୮୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।୧ମ ଶ୍ରେଣୀରେ ୩୫ ଜଣ,୨ୟ ଶ୍ରେଣୀରେ ୪୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୦୫ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ଛାତ୍ର ସୁଧିର ପ୍ରଧାନ ୫୧୧ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନ ପରୀକ୍ଷାରେ ୮୫ ଜଣ ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ୭୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧ମ ଶ୍ରେଣୀରେ ୪୬ ଜଣ , ୨ୟ ଶ୍ରେଣୀରେ ୨୬ ଜଣ ଓ ୩ୟ ଶ୍ରେଣୀରେ ୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଶୁଭ ପ୍ରସାଦ ସାହୁ ୪୯୯ ନମ୍ବର ରଖି ବିଜ୍ଞାନ ପରୀକ୍ଷାରେ କଲେଜ ଟପ୍ପର ହୋଇଛନ୍ତି। ସେହିପରି ମହିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ନିତିପ୍ରଜ୍ଞା ତ୍ରିପାଠୀ ୪୭୧ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ବାହାଡ଼ଝୋଲା ଦଧିବାମନ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୪୩ଜଣ ଙ୍କ ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ୧୦୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୨ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫, ତୃତୀୟ ଶ୍ରେଣୀରେ୬୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୧୬ନମ୍ବର ରଖି ରାଜେନ୍ଦ୍ର କୁମାର ସାହୁ କଲେଜ ଟପ୍ପର ହୋଇଛନ୍ତି। ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ କଳାରେ ଶୁଭଶ୍ରୀ ପଢ଼ିଆରୀ ୫୨୩ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ଗଣିଆ ବଳରାମ ପ୍ରସାଦ ଗ୍ରାମର ପଞ୍ଚାନନ ପଢ଼ିଆରିଙ୍କ କନ୍ୟା ହେଉଛନ୍ତି ଶୁଭଶ୍ରୀ। ବ୍ଲକ୍ ଟପ୍ପର ହେବାପରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଶୁଭଶ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଜମି ରେଜିଷ୍ଟ୍ରେସନ୍ ଆଇନ ସଂଶୋଧନ ନେଇ ଦାବି



ବ୍ୟାସନଗର (ମହାଭାରତ): ଜମି ରେଜିଷ୍ଟ୍ରେସନ ଆଇନର ସଂଶୋଧନ ଓ ସରଳୀକରଣ ପାଇଁ ଦାବି ଜୋର ଧରିଛି। ଏହି ଦାବି ନେଇ ଆଜି ବ୍ୟାସନଗର ସବରେଜିଷ୍ଟର କାର୍ଯ୍ୟାଳୟ ପରିସରରେ ଥିବା ଭେଣ୍ଡର ମାନଙ୍କ ସମ୍ମିଳନୀ ଗୃହରେ ଯାଜପୁର ଜିଲ୍ଲା ଦଲିଲ ଲେଖକ ସଂଘ ପକ୍ଷରୁ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ରାଜ୍ୟ ସଂଘ ଓ ଜିଲ୍ଲା ଶାଖାର କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ ।ରାଜ୍ୟରେ ରାଜସ୍ୱ ବିଭାଗର ସ୍ଥାଣୁତା ଓ କଠୋରତା ଯୋଗୁଁ ଜମିଜମା ସଂକ୍ରାନ୍ତୀୟ ବିକ୍ରି ଖରିଦରେ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଏଠାରେ ଦର୍ଶାଯାଇଛି । ଏହା ଫଳରେ ସବରେଜିଷ୍ଟରଙ୍କ ନିକଟରେ ଜମି ରେଜିଷ୍ଟ୍ରେସନ କରିବା ସମ୍ଭବପର ହୋଇପାରୁନାହିଁ । ଝିଅ ବାହାଘର, ପିଲାଙ୍କ ପାଠପଢା ବା ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପୂରଣ ପାଇଁ ଜମିବିକ୍ରି କରିବାକୁ ଗରିବ ଗୁରୁବା ବା ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପାୱାର ପ୍ଲଟ, ଆପାର୍ଟମେଣ୍ଟ, ପାର୍ଟିସନ, ବାଇପ୍ଲଟ୍ ଆଦି ରେଜିଷ୍ଟ୍ରେସନରେ ନାନା ଅସୁବିଧା ପରିଲକ୍ଷିତ ହେଉଛି । ଏଥିପାଇଁ ଆଇନିରେ ସଂଶୋଧନ ଓ ସରଳୀକରଣ କରାଯିବାର ଆବଶ୍ୟକତା ଥିଲେ ମଧ୍ୟ ସରକାର ତଥା ରାଜସ୍ୱ ବିଭାଗ ଏହାକୁ କର୍ଣ୍ଣପାତ କରାଯାଉନାହାଁନ୍ତି । ଯଦି ଅବିଳମ୍ୱେ ଏହାର ସମାଧାନ କରାନଯାଏ ତେବେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି । ତାର ଭବିଷ୍ୟତ କାର୍ଯ୍ୟପ୍ୟା ଗ୍ରହଣ କରିବ ବୋଲି ରାଜ୍ୟ ସଭାପତି ଜଳଧର ବେହେରା ଉପସଭାପତି ଉମାକାନ୍ତ ସାହୁ, ସାଧାରଣ ସମ୍ପାଦକ ଅଶୋକ କୁ ଦାସ ସମ୍ପାଦକ ନରହରି ସାହୁ, ଯାଜପୁର ଜିଲା ଦଲିଲ ଲେଖକ ସଂଘ ସଭାପତି ଶରତ ଚନ୍ଦ୍ର ଆର୍ଯ୍ୟ ଉପସଭାପତି କୈଳାଶ ଚନ୍ଦ୍ର ବାରିକ ସମ୍ପାଦକ ଶିଶିର କୁମାର ସାହୁ, ସଭ୍ୟ ଶ୍ରୀକାନ୍ତ ମହାପାତ୍ର, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ, ଅନିଲ କୁମାର ସାହୁ,ଲକ୍ଷ୍ମୀ କାନ୍ତ ସାମଲ ଓ ଯଶୋବନ୍ତ ପରିଜା ଏହି ସମ୍ମିଳନୀରେ ଉପସ୍ଥିତ ରହିଥିଲେ ।

## ବିଦ୍ୟୁତ ସମସ୍ୟା ନେଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ କେଶଡିହା ଗ୍ରାମବାସୀ

କରଞ୍ଜିଆ,(ମହାଭାରତ) ବିଦ୍ୟୁତ ସମସ୍ୟା ନେଇ ଶନିବାର ଠାକୁରମୁଣ୍ଡା ବ୍ଲକର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ କେଶଡିହା ପଞ୍ଚାୟତର କେଶଡିହା ଗ୍ରାମବାସୀ । କେଶଡିହା ପଞ୍ଚାୟତ ର ବିଦ୍ୟୁତ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ନ ଶୁଣିବାରୁ ଆଜି ସକାଳ ୮ ଟା ବେଳେ ସ୍ଥାନୀୟ ସମାଜ ସେବୀ ତଥା ସମିତି ସଭ୍ୟାଙ୍କ ପ୍ରତିନିଧି ଶିବଶଙ୍କର ବାନରା ଙ୍କ ନେତୃତ୍ୱରେ ଅଞ୍ଚଳ ର ମଙ୍ଗଲ ସିଂ ବାନରା, ଶରତ ନାୟକ , ସୁରେନ୍ଦ୍ର ନାୟକ , ଆର୍ତ୍ତ ନାୟକ ଓ ଅନ୍ୟ ଲୋକମାନେ ଆସି ଅଫିସ କୁ ପହଞ୍ଚି ଥିଲେ । ବିଭାଗୀୟ ଅଧିକାରୀ ତାଥା ଯନ୍ତ୍ରୀ ଙ୍କୁ ଖୋଜିଥିଲେ , ଏବଂ ତାଙ୍କ ପଞ୍ଚାୟତ ଅଞ୍ଚଳ ରେ କାହିଁକି ବିଦ୍ୟୁତ ଯୋଗାଣ ବନ୍ଦ ହେଉଛି ତାର ସଠିକ ଉତ୍ତର ମିଳିନଥିଲା ତେଣୁ ଅଫିସ ଆଗରେ



ଧାରଣାରେ ବସିଥିଲେ। ତେବେ ଉପସ୍ଥିତ କର୍ମଚାରୀ ଙ୍କୁ ବିଭାଗୀୟ ଯନ୍ତ୍ରୀ ଙ୍କୁ ଫୋନରେ ଡାକିଥିଲେ ମଧ୍ୟ ସେ ଅଫିସ କୁ ଆସିନଥିଲେ। ଫଳରେ ଉତେଜନା ଦେଖାଦେଇଥିଲା। ପରେ ଖବର ପାଇ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ପହଞ୍ଚି ବୁଝାସୁଝା କରିବା ସହ କରଞ୍ଜିଆ ବିଦ୍ୟୁ ବିଭାଗ ଏସଡିଓ ଙ୍କ ସହିତ କଥା ହୋଇ ସମସ୍ୟାର ସମାଧାନ ପରେ ଧାରଣାରୁ ପ୍ରତ୍ୟାହାର କରିଥିଲେ। ଏବଂ ଆଗାମୀ ଦିନରେ ବିଦ୍ୟୁତ ସମସ୍ୟା ଦେଖା ଦେଲେ ତୁରନ୍ତ ବିଡ଼ିଓ ଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମଧ୍ୟ କହିଥିଲେ। ତେବେ କେବଳ ଏହି କେଶଡିହା ପଞ୍ଚାୟତ ନୁହେଁ, ବରଂ ବ୍ଲକର ଏପରି ଅନେକ ଗ୍ରାମପଞ୍ଚାୟତ ରେ ବିଦ୍ୟୁ ସମସ୍ୟା ଦେଖାଦେଉଥିଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଜନଅସନ୍ତୋଷ ଲାଗିରହିଛି ।

## ବିପଦକୁ ଆମନ୍ତ୍ରଣ କରୁଛି ଜାତୀୟ ରାଜପଥ

ଜହ୍ନାପଙ୍କ: ବୌଦ୍ଧ ବଲାଙ୍ଗୀର ଜାତୀୟ ରାଜପଥ ନଂ ୫୭ର ନିର୍ମାଣ ବେଳେ କିଲୋମିଟର ପିଛା ଏକ କୋଟି ଟଙ୍କା ଖର୍ଚ୍ଚ କରାଯାଇଛ। ଏହି ରାସ୍ତାର ନିର୍ମାଣ ଦୁଇ ବର୍ଷ ତଳେ ସରିଛି।ନିର୍ମାଣର ୨ ମାସ ନଯାଉଣୁ ବଲାସିଙ୍ଗା ଓ ମର୍ଯ୍ୟାଦାପୁର ଉଭୟପାର୍ଶ୍ୱର ପୋଲ ସଂଯୋଗୀକରଣ ରାସ୍ତା ପିଚୁ ଉଠି ଯାଇଥିଲାୟ ଦୁଇ ବର୍ଷ ମଧ୍ୟରେ ଏହାର ମରାମତି କାର୍ଯ୍ୟ ୨ ଥର ହୋଇ ସାରିଲାଣି।ଏବେ ଉଭୟ ଗାଁ ମଝିରେ ଥିବା ସାଲୁଙ୍କି ପୋଲ ଉପରେ ମର୍ଯ୍ୟାଦପୁର ପାର୍ଶ୍ୱରେ ଏକ ଲୁହା ଏଙ୍ଗଲ ବିପଦପୂର୍ଣ୍ଣ ଭାବରେ ଉପରକୁ ଟେକି ହୋଇ ରହିଛି। କେତେବେଳେ ଯେ, ଏହା ଦୁଇ ଚକିଆ କିମ୍ବା ଚାରି ଚକିଆ ଯାନରେ ମାଡ଼ ହୋଇ ଦୁର୍ଘଟଣାକୁ ଆମନ୍ତ୍ରଣ ନକରିବ କହି ହେବ ନାହିଁ। ଦିନରେ ଦୁଇ ଚକିଆ ଓ ଚାରିଚକିଆ ଯାନ ପାର୍ଶ୍ୱ କାଟି ନେଉଥିବା ବେଳେ ରାତିରେ ଏହା ଲାଇଟରେ ସ୍ପଷ୍ଟ ଦେଖା ଯାଉ ନଥିବାରୁ ଚାଳକଙ୍କ ପ୍ରତି ବିପଦର ଆଶଙ୍କା ରହିଛି।ଏହି ରାସ୍ତା ଓଡିଶାର ହୃଦୟ ରେଖା କହିଲେ ଅତ୍ୟୁକ୍ତି ହେବ ନାହିଁୟ ପ୍ରତ୍ୟେହ ଏହି ରାସ୍ତା ଦେଇ ହଜାର ହଜାର ଯାନ ବାହାନ କଟକ, ଭୁବନେଶ୍ୱର,ପୁରୀ, ବାଲେଶ୍ୱର, ବ୍ରହ୍ମପୁର, ଢେଙ୍କାନାଳ, ଅନୁଗୋଳ, ରାଉରକେଲା, ଭବାନୀପାଟଣା, ରାୟଗଡା, ରାୟପୁର, କୋରାପୁଟ, କଳାହାଣ୍ଡିକୁ ଚଳାଚଳ କରୁଥିବା ବେଳେ ଜାତୀୟ ରାଜପଥ ବିଭାଗ ଆଖି ବୁଜି ଦେଇଛନ୍ତି।

## ଶିକ୍ଷା ଅଧିନିୟମ କୁ ମାନୁଛି କିଏ ?

ଦଶପଲ୍ଲା , (ମହାଭାରତ): କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଶିକ୍ଷା କୁ ଗୁରୁତ୍ୱ ଦେଇ ଜାତୀୟ ଶିକ୍ଷାନୀତି ଲାଗୁ କରିଛନ୍ତି। ହେଲେ ଛାତ୍ର ଛାତ୍ରୀ ଙ୍କ ଉନ୍ନତ ଶିକ୍ଷା ପ୍ରଦାନ ପାଇଁ ସବୁ ଯୋଜନା ହୋଇଯାଇଛି ପାଣି ଫୋଟକା ସଦୃଶୟଦଶପଲ୍ଲା ରେ ସମସ୍ତ ପ୍ରକାର ଶିକ୍ଷା ଅଧିନିୟମକୁ ଫୁ। ଦଶପଲ୍ଲା ଗୋଷ୍ଠୀ ଶିକ୍ଷାଧିକାରୀ କିମ୍ବା ଜିଲ୍ଲା ଅଧିକାରୀ ବର୍ଷ ମଧ୍ୟରେ ପ୍ରତି ସ୍କୁଲ କୁ ପରିଦର୍ଶନ ରେ ଆସି ସମସ୍ତ ଶିକ୍ଷା ର ବିଷୟ ପ୍ରତି ଧ୍ୟାନ ଦେବା ଦରକାର । ମାତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ଓ ଅନ୍ୟ ଅଧିକାରୀ ବିଭିନ୍ନ କାର୍ଯ୍ୟ ଆଳରେ ବିଦ୍ୟାଳୟ କୁ ପରିଦର୍ଶନ କରୁନାହାନ୍ତି।ପ୍ରାଇଭେଟ ସ୍କୁଲ କୁ ମଧ୍ୟ ଗସ୍ତ କରୁନାହାନ୍ତି। ସରକାର ଉନ୍ନତ ଶିକ୍ଷା ଯୋଜନା କରି ନାକେଦମ ହେଲାବେଳେ ଏଠି ନିୟମ ମୁତାବକ ପ୍ରାଇଭେଟ ସ୍କୁଲ ଗୁଡିକରେ ଯଦିଓ କେବଳ ତାଲିମ ପ୍ରାପ୍ତ ଶିକ୍ଷକ ଶିକ୍ଷାଦାନ କରିବାକୁ ନିୟମ ରହିଅଛି ହେଲେ ଏଠି କିନ୍ତୁ ନିୟମ ଓଲଟା। କେବଳ କାଗଜ କଲମରେ ଗୋଷ୍ଠୀଶିକ୍ଷାଧିକାରୀ ଙ୍କ ଗୋଚରରେ ଅଣ ତାଲିମ ପ୍ରାପ୍ତ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି ଏଣୁ ଶିକ୍ଷା ବ୍ୟବସ୍ଥା କିଭଳି ଉନ୍ନତ ମାନର ତାହା ଆପଣ ମାନେ ଅନୁମାନ କରୁଥିବେ। ଆର ଟି ଇ ନିୟମ ର ମଧ୍ୟ ଖୋଲାଖୋଲି ଉଲଂଘନ କରାଯାଉଛି। ୨୫% ସରଂକ୍ଷଣ ବ୍ୟବସ୍ଥା କେବଳ କାଗଜ କଲମରେ ସୀମିତୟ ଖେଳ ପାଇଁ ଭଲ ପଡିଆ, ଅଗ୍ନି ନିର୍ବାପକ ଯନ୍ତ୍ର ଓ ସାର୍ଟିଫିକେଟ, ସୁରକ୍ଷା ଦୃଷ୍ଟିରୁ ମଜଭୁତ ବାଉଣ୍ଡରୀ,ସରକାର ଙ୍କ ଦ୍ୱାରା ପ୍ରଚଳିତ ପାଠ୍ୟ ପୁସ୍ତକ,ସ୍କୁଲ ବ୍ୟାଗ ଓଜନ ନିୟମ,ଉପଯୁକ୍ତ ଲାଇବ୍ରେରୀ, ସ୍କୁଲ ବସ ନିୟମ ର ଅନୁପାଳନ,ସ୍ୱାସ୍ଥ୍ୟକର ପରିବେଶ, ପିଇବା ପାଣି ର ବ୍ୟବସ୍ଥା, ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଉନ୍ନତ ମାନ ଓ ଅଲଗା ଅଲଗା ଶୌଚାଳୟ,ଆଦି ନିୟମ କୁ ସଠିକ ଭାବରେ ବ୍ଲକ ଶିକ୍ଷାଧିକାରୀ ଓ ଶିକ୍ଷା ବିଭାଗ ଜାଣି ଶୁଣି ଚୁପ ରହୁନାହାନ୍ତି ତ। କିଭଳି ସେହି ବିଦ୍ୟାଳୟ ଗୁଡିକୁ ଅନୁମତି ଦିଆଯାଉଛି ? ତେବେ ଏଥିପାଇଁ ଜିଲ୍ଲା ଶିକ୍ଷାଧିକାରୀ, ଶିକ୍ଷା ବିଭାଗ ସଚିବ ଓ ଶିକ୍ଷାମନ୍ତ୍ରୀ ଗୁରୁତର ସହ ବିଚାର କୁ ନେବା ସହ ଶିକ୍ଷା ର ମାନ ବଦଳାଇବା ଆବଶ୍ୟକ ବୋଲି ଜନସାଧାରଣ ରେ ଆଲୋଚନା ହେଉଛି।

## ଦାନଗୋହିର ଗ୍ରାମରୁ ଉଦ୍ଧାର ଚିତ୍ରା ହରିଣର ମୃତ୍ୟୁ

ପିପିଲି:ପିପିଲି ଥାନା ହାଟସାହି ପଞ୍ଚାୟତ ଅନ୍ତର୍ଗତ ଦାନଗୋହିର ଗ୍ରାମର ବିଛୁଆତି ଛକ ନିକଟରୁ ଏକ ଅଣ୍ଡିରା ଚିତ୍ରା ହରିଣକୁ ଶନିବାର ଅପରାହ୍ନରେ ଉଦ୍ଧାର କରାଯାଇଛ। ହରିଣକୁ କେତେକ ବୁଲା କୁକୁର ବିଲ ମଧ୍ୟରେ ଗୋଡାଇ ଗୋଡାଇ ଆକ୍ରମଣ କରୁଥିବାର ଦେଖି ସ୍ଥାନୀୟ ଯୁବକମାନେ ଅତି ସତର୍କତାର ସହ କୁକୁରଙ୍କ କବଳରୁ ହରିଣକୁ ଉଦ୍ଧାର କରିଥିଲେ। ହରିଣର ବାମପଟ କାନକୁ କୁକୁର କାମୁଡି ଛିଣ୍ଡାଇ ଦେଇଥିବା ବେଳେ ପଛ ଡାହାଣ ପାଶ୍ୱର୍ ଜଂଘକୁ କାମୁଡି କଣା କରିଦେଇଥିବା ପରିଲକ୍ଷିତ ହୋଇଥିଲା।ହରିଣର ବେକ ସମେତ ଶରୀରର ଏକାଧିକ ସ୍ଥାନକୁ କୁକୁର କାମୁଡି ଝୁଣି ଦେଇଥିବା ପରିଲକ୍ଷିତ ହୋଇଥିଲାୟ ନାଏବ ସରପ□ ଏମ୍ଡି ତାଜୁଦ୍ଦିନଙ୍କ ଠାରୁ ଖବର ପାଇ ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଏସଂପର୍କରେ ବାଲକାଟୀ ବନ ବିଭାଗକୁ ଖବର ଦେଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶରେ ଥାନା କର୍ମଚାରୀ ଚି□ରଞ୍ଜନ ମହାରଣା ସଦଳେବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଆହତ ହରିଣକୁ ଚିକିତ୍ସା ପାଇଁ ପିପିଲି ପଶୁଚିକିତ୍ସାଳୟକୁ ନେଇଥିଲେ।ସେଠାରେ ପଶୁସଂପଦ ବିଭାଗର କର୍ମଚାରୀମାନେ ଆହତ ହରିଣର ପ୍ରାଥମିକ ଚିକିତ୍ସା କରିଥିଲେ। ତେବେ ବୁଲାକୁକୁରଙ୍କ ଆକ୍ରମଣରେ ହରିଣ ଶରୀରରୁ ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ମଧ୍ୟ ରକ୍ତସ୍ରାବ ବନ୍ଦ ହୋଇନଥିଲା। ବାରମ୍ବାର ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ଦୀର୍ଘ ୩ଘଣ୍ଟା ପର୍ଯ୍ୟନ୍ତ କୌଣସି ବନ କର୍ମଚାରୀ କିମ୍ବା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚ୍ୀଚନଥିଲେ। ତେବେ ସଂନ୍ଧ୍ୟା ୭ଟା ସମୟରେ ଉକ୍ତ ଆହତ ହରିଣର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ବନ କର୍ମଚାରୀ କିମ୍ବା ଅଧିକାରୀ ଉକ୍ତ ହରିଣକୁ ନେବା ପାଇଁ ପିପିଲିରେ ପହଞ୍ଚ୍ୀଚନଥିବା ସୂଚନା ମିଳିଛି।ବନ ବିଭାଗର ଦାୟିତ୍ୱହିନତା ଓ ଖାମଖିଆଲି ମନୋଭାବ ଯୋଗୁଁ ଆବଶ୍ୟକ ଚିକିତ୍ସା ଅଭାବରୁ ଉକ୍ତ ହରିଣର ମୃତ୍ୟୁ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ, ଖାଦ୍ୟ ଓ ପାଣି ଅନେ୍ୱଷଣରେ ଉକ୍ତ ହରିଣଟି ବାଲୁଖଣ୍ଡ ଜଙ୍ଗଲ ଅ□ଳରୁ ଏଠାକୁ ଚାଲି ଆସିଥିବା ଅନୁମାନ କରାଯାଉଛି।

## କୁଶୁପଲ୍ଲା କଂସେଇଖାନାକୁ ଗୋ ଚାଲାଣ, ଦଲାଲ ଗିରଫ

କଳାପଥର(ବାଙ୍କୀ): ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ଖଜୁରୀପଦା ଅଂଚଳରୁ ବେଗୁନିଆ ଥାନା କୁଶୁପଲ୍ଲାକୁ ଏକ ପିକଅପ ଭ୍ୟାନ ଦ୍ୱାରା ଗୋରୁ ଚାଲାଣ ସମୟରେ ବୈଦ୍ୟେଶ୍ୱର ପୋଲିସ ୬ ଗୋରୁ ଉଦ୍ଧାର କରିଛି। ଘଟଣାସ୍ଥଳରୁ ଜଣେ ଦଲାଲକୁ ଗିରଫ ପରେ ବୈଦ୍ୟେଶ୍ୱର ପୋଲିସ ବାଙ୍କୀ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତର ନାମ ଅଜାତ ଖାଁନ ବୋଲି ଜଣାପଡ଼ିଛି। ଅପରପଟେ ଘଟଣାସ୍ଥଳରୁ ୬ ଗୋଟି ଗୋରୁଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ନିକଟ ଗୋଶାଳାରେ ଛାଡି ଦିଆଯାଇଛି।ପୁଲିସ ଉକ୍ତ ଘଟଣା ରେ କେଶ ନମ୍ବର ୯୪/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଗୋପାଳପୁର :ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ -୧୬ ଉକ୍ତ ସାଲବେଗ ନଗର ଛକ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ବେଲଗାଁ ଅନ୍ତର୍ଗତ ଦିଗାପଡାର ସୁନୀଲ କୁମାର ନାୟକ(୩୨) ଓ ଆହାତ ଜଣକ ହେଲେ ସିମାଞ୍ଚଳ ନାୟକ ବୋଲି ପୁଲିସ କହିଛି।

## ବିଧବା ଆଦିବାସୀ ବୃଦ୍ଧାଙ୍କ ସମେତ ତିନି ସଦସ୍ୟଙ୍କର ଭଙ୍ଗାରୁଜା ଘରେ ବିତୁଛି ଜୀବନ



ଘୁ. ଉଦୟଗିରି: କନ୍ଧମାଳ ଜିଲ୍ଲା କେ ନୂଆଗାଁ ବ୍ଲକ କୁଡୁତେଲି ପଞ୍ଚାୟତ ଅନ୍ତର୍ଗତ ବଲମରପଦା କଙ୍ଗଡ଼କାମ୍ବା ସାହିର ନୁନ୍ଦେ ପ୍ରଧାନ ଜଣେ ଆଦିବାସୀ ବିଧବା ବୃଦ୍ଧା। ନିଜ ପୁଅ ବୋହୁଙ୍କୁ ନେଇ ଦୀର୍ଘ ବର୍ଷ ହେଲା ଭଙ୍ଗା କୁଡ଼ିଆ ଘରେ ରହିଆସୁଛନ୍ତି ।ପରିବାର ସଦସ୍ୟଙ୍କ କହିବା ମୁତାବକ ଦୀର୍ଘ ବର୍ଷରୁ ତିନି ଜଣ ସଦସ୍ୟ ବର୍ଷା ଖରା ସହି ଏହି ଝାଟିମାଟି କୁଡ଼ିଆରେ ଦିନ ବିତାଉଛନ୍ତି ।କିନ୍ତୁ ଦୁଃଖର ବିଷୟ ସରକାର ଗରିବ ହିତାଧିକାରୀଙ୍କ ପାଇଁ ରହିବା ପାଇଁ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦିଆଯାଉଛି। କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁ ସରକାରୀ ଯୋଜନା ବିଧବା ଆଦିବାସୀ ବୃଦ୍ଧାଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଯାହା ଫଳରେ ଗରିବ ପରିବାରର ଝାଟିମାଟି କୁଡ଼ିଆରେ ଜୀବନ ବିତୁଛି ।ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କେଣସି କାର୍ଯ୍ୟ ନହେବା ପରିବାର ସଦସ୍ୟ କହିଛନ୍ତି। ଦିନ ମଜୁରିଆ ଭାବେ କାମ କରି ଯେତିକି ମିଳୁଛି ସେତିକିରେ ପରିବାର ଚଳିବା କଷ୍ଟ, ଏପରିସ୍ଥଳେ ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି ନୁନ୍ଦେ ପ୍ରଧାନ କହିଛନ୍ତି।

## ହାବିଲଦାରଙ୍କ ଘରୁ ଚୋରି ନେଇଗଲେ ୨୦ ଲକ୍ଷର ସୁନା ଗହଣା

ରାଉରକେଲା: ରାଉରକେଲାରେ ଘରେ ପଶି ଚୋରି କରୁଥିବା ଗ୍ୟାଙ୍ଗର ହିମ୍ମତ ଏବେ ଚରମ ସୀମାରେ ପହଞ୍ଚିଛି। ଆଜି ଦିନ ଦ୍ୱିପ୍ରହରେ ପ୍ଲାଣ୍ଟ ସାଇଟ୍ ଥାନା କ୍ୟାମ୍ପସ୍ରେ ଜଣେ ହାବିଲଦାରଙ୍କ ଘରେ ଚୋରମାନେ କଳା କନା ବୁଲାଇ ଦେଇଛନ୍ତି ।ହାବିଲଦାର ସୁବ୍ରତ କୁମାର ହୋତା ଆଜି ସକାଳେ ସ୍ତ୍ରୀଙ୍କ ସହ ଲାଠିକଟା ପୋଷ୍ଟ ଅଫିସ୍କୁ କୌଣସି କାମରେ ଯାଇଥିଲେ। ଏହାର ସୁଯୋଗ ନେଇ ଚୋର ମାନେ ତାଙ୍କ ଘର ଗେଟ୍ ଏବଂ କବାଟ ଭାଙ୍ଗି ଘରେ ପଶିଥିଲେ। ପରେ ଆଲମୀରା ଭାଙ୍ଗି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟି ନେଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ପରିବାର ଲୋକେ ଚୋରି ବିଷୟ ଜାଣିବା ପରେ ଥାନାରେ ସୂଚନା ଦେଇଥିଲେ। ପ୍ଲାଣ୍ଟ ସାଇଟ୍ ପୁଲିସ୍ ଏବଂ ସାଇ□ଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।



## ସାବିତ୍ରୀ ପାଇଁ ଭଉଣୀ ଘରକୁ ଭାର ନେଇ ଯାଉଥିଲେ ଭାଇ, ବଜ୍ରପାତ ନେଲା ଜୀବନ

ଟାଙ୍ଗୀ: ଦିନକ ପରେ ସାବିତ୍ରୀ ବ୍ରତୟ ସଧବା ମହିଳାମାନେ ତାଙ୍କର ସ୍ୱାମୀଙ୍କ ଦୀର୍ଘାୟୁ ଜୀବନ କାମନା କରି ରଖିବେ ବ୍ରତ। ଏଥି ପାଇଁ ସେମାନେ ଉତ୍ସାହିତ ଅଛନ୍ତି। ସାବିତ୍ରୀ ବ୍ରତ ପାଇଁ ଆୟୋଜନ ହେଉଥିବା ପୂଜା ପାଇଁ ବାପ ଘରର ଭାର (ଶାଢ଼ୀ, ଫଳମୂଳ ଓ ଅନ୍ୟପୂଜା ସାମଗ୍ରୀ ରହିଥାଏ) ହେଉଛି ବିବାହିତ ଝିଅ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ। ମୁଖ୍ୟତଃ ଏହି ଭାରକୁ ଭାଇମାନେ ପହ□ାଇ ପାରିଲେ, ଭଉଣୀମାନେ ବହତ ଖୁସି ହୋଇଥାନ୍ତି। ସମୟ ପାଖେଇ ଆସୁଥିବାରୁ ଭାଇମାନେ ନିଜନିଜ ଭଉଣୀ ଘରକୁ ଭାର ନେଇ ଯାଉଛନ୍ତି। ତେବେ ଏହି ଭାର ଯାତ୍ରା ସମୟରେ କେହି କେହି ଅଘଟଣର ଶିକାର ମଧ୍ୟ ହେଉଛନ୍ତି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅ□ଳରେ ଆଜି ଅପରାହ୍ନରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସାବିତ୍ରୀ ଭାର ନେଇ ଭଉଣୀ ଘର ଅଭିମୁଖେ ଯାଉଥିବା ଭାଇ ବଜ୍ରପାତରେ ଜୀବନ ହରାଇଛନ୍ତି। ମୃତ ଯୁବକ ହେଲେ ଅଭୟ ମହାପାତ୍ର (୨୭)। ପୁଲିସ କହିଛି କନ୍ତଲବାଇ ଗାଁର ନବକିଶୋର ମହାପାତ୍ରଙ୍କ ପୁଅ ଅଭୟ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ସାବିତ୍ରୀ ଭାର ନେଇ ଭଉଣୀ ଘର ଅଭିମୁଖେ ବାହାରିଥିଲେ। ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତାର ଏକ ବରଓସ୍ତ ଗଛ ନିକଟରେ ପହଞ୍ଚି ଥିବା ବେଳେ ବଜ୍ରାଘାତର ସମ୍ମୁଖୀନ ହୋଇଥିଲେ। ବଜ୍ରପାତର ଶିକାର ହେଲା ପରେ ଅଭୟ ଅଚେତ ହୋଇ ପଡ଼ିଥିଲେ। ରାସ୍ତାରେ ଯାତାୟତ କରୁଥିବା ଲୋକେ ଅଭୟ ଅଚେତ ଥିବାରୁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।ରିପୋର୍ଟ ଲେଖାଯିବା ବେଳକୁ ଅଭୟଙ୍କ ମରଶରୀରକୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିବା ଜଣାପଡ଼ିଛି। ପୁଲିସ କହିଛି ଆସନ୍ତାକାଲି ଅଭୟଙ୍କ ମୃତଦେହ ପୋଷ୍ଟମର୍ଟମ କରାଯିବ। ପରେ ପରିମାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳରେ ଅଭୟ ଜଣେ ଉତ୍ତମ ବ୍ୟବହାର ସମ୍ପନ୍ନ ଯୁବକ ଥିଲେ। ସେ ବିବାହିତ ଥିଲେ। ପରୋପକାର ପାଇଁ ତାଙ୍କୁ ସମସ୍ତେ ଭଲ ପାଉଥିଲେ। ସେ ଜଣେ ଗରିବ ପରିବାରର ଯୁବକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ପୁଅ ଆଗରେ ମା'କୁ ଦଳିଦେଲା ହାତୀ ବର୍ତ୍ତିଗଲା ବର୍ଷକର ପୁଅ

ବିଶୋଇ: ବର୍ଷକର ପୁଅ ସାମନାରେ ମା'କୁ ଦଳିଦେଇଛି ହାତୀ। ଆଶ୍ଚର୍ଯ୍ୟଜନକ ଭାବେ ହାତୀଟି ପୁଅର କେଣସି କ୍ଷତି କରିନାହିଁ।ଜଙ୍ଗଲରେ ଶିଶୁଟି କାନ୍ଦିବାରୁ ସ୍ଥାନୀୟ ଲୋକେ ପହଞ୍ଚି ମହିଳାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଗାରଗାଡ଼ି ବିଟ୍ ଅଧୀନ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ଏହି ଘଟଣା ଘଟିଛି। ମୃତ ମହିଳା ଜଣଙ୍କ ହେଲେ ଗାରଗାଡ଼ି ଗ୍ରାମର ସାନବାଟା ନାଏକଙ୍କ ଝିଅ ଚାର୍ମେଇ ନାଏକ(୨୭) ଓରଫ କିକିଳି। ଲୁହାକାନି ପଞ୍ଚାୟତସ୍ଥିତ କାଶୀପେ ଗ୍ରାମର କୁଣ୍ଡିଆ ନାଏକଙ୍କୁ ଚାର୍ମେଇ ବିବାହ କରିଥିବା ବେଳେ କିଛିମାସ ପୂର୍ବରୁ ସେ ନିଜ ବାପଘର ଗାରଗାଡ଼ିରେ ରହୁଥିଲେ। ଆଜି ସକାଳ ପ୍ରାୟ ୮ଟା ସମୟରେ ଚାର୍ମେଇ ପତ୍ର ବାନ୍ଧିବା ପାଇଁ ଶାଳ ଛାଲି ଆଣିବାକୁ ନିଜ ବର୍ଷକର ପୁଅକୁ ଧରି ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ପୁଅକୁ ଏକ ଗଛମୂଳରେ ବସାଇ ଦେଇ ଛାଲି ସଂଗ୍ରହ କରୁଥିବା ସମୟରେ ହଠାତ୍ ଗୋଟିଏ ମାଖନା ଓ ଗୋଟିଏ ମାଈ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ଦୁଇଟି ଚାର୍ମେଇଙ୍କୁ ଦଳି ଚକଟି ଦେଇ ଜଙ୍ଗଲ ଭିତରକୁ ପଳାଇଥିଲେ। ମଧ୍ୟାହ୍ନ ଯାଏ ଚାର୍ମେଇଙ୍କ ମୃତ ଶରୀର ଘଟଣାସ୍ଥଳରେ ପଡ଼ିରହିଥିବା ବେଳେ ପାଖରେ ବସି ପୁଅଟି କାନ୍ଦି ଚାଲିଥିଲା। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଚାର୍ମେଇଙ୍କ ମରଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ।ଖବରପାଇ ଉଭୟ ବନ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସିଂ, ଏସିଏଫ୍ ତଥା ମଣଦା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁ, ବନପାଳ ପ୍ରଭାତ ରଞ୍ଜନ ମହାନ୍ତ, ଏନ୍ଦି ପୋଖରିଆ ଭାରପ୍ରାପ୍ତ ବନପାଳ ଶୁଭଲକ୍ଷ୍ମୀ ପାତ୍ର, ଚଇପାହାଡ଼ି ବନପାଳ ଛିତା ଟୁଡୁ, ସରଗଡ଼ା-୨ ଭାରପ୍ରାପ୍ତ ବନପାଳ ତରଙ୍ଗିନୀ ମହାନ୍ତ, ବନପାଳ ପଙ୍କଜ ବେହେରା, ବନପାଳ ଯାଜ୍ଞସେନୀ ମହାନ୍ତଙ୍କ ସମେତ ପାରାଷ୍ଟାଫଙ୍କୁ ନେଇ ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ବିଶୋଇ ତହସିଲଦାର ସତ୍ୟବାନ ନାଏକଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇ ରାଇରଙ୍ଗପୁର ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଘଟଣାକୁ ନେଇ ବିଶୋଇ ଥାନାରେ କେସ ନଂ ୭/୨୫ ରେ ଏକ ମାମଲା ରୁଜୁ ହୋଇଛି। ଯୋଡ଼ିଆ ସରପଞ୍ଚ ସାବିତ୍ରୀ ସୋରେନ ଓ ପଞ୍ଚାୟତ ସମିତି ସଭ୍ୟ ଚନ୍ଦ୍ରା।ସୋରେନ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବନବିଭାଗ ପକ୍ଷରୁ ଦଶାହ କ୍ରିୟା ପାଇଁ ୭୦ ହଜାର ଟଙ୍କା ଦିଆଯାଇଛି। ପରବର୍ତ୍ତୀ ସମୟରେ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ସୂଚନା ମିଳିଛି।

## ଭୂତକୋଠିରେ ପରିଣତ ହେବାକୁ ଯାଉଛି ବଡ଼ମଉଦା ପିଇଓଙ୍କ ସରକାରୀ କ୍ୱାର୍ଟର

ରାଇରଙ୍ଗପୁର: ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ବଡମଉଦା ଗ୍ରାମପଂଚାୟତର ପଂଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ସରକାରୀ କ୍ୱାର୍ଟରଟି ଦୀର୍ଘ ଦିନରୁ ଖାଲି ପଡିଥିବାରୁ ଭୁତକୋଠିରେ ପରିଣତ ହେବ ବୋଲି ବଡମଉଦା ଗ୍ରା.ପ ବାସୀନ୍ଦା ଗୁରୁତର ଅଭିଯୋଗ କରିଛନ୍ତି। ନିର୍ବାଚିତ ଗ୍ରାମପଂଚାୟତ ପ୍ରତିନିଧି ସରପଂଚମାନଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ମାର୍ଗଦର୍ଶକ ଭାବେ ପିଇଓମାନଙ୍କ ମୁଖ୍ୟ କର୍ତ୍ତବ୍ୟ ଏତଦ୍ ବ୍ୟତୀତ ସରକାରୀ ଅର୍ଥର ଉଠାଣ ସମୟରେ ଉଭୟ ସରପଂଚ ଓ ପିଇଓ ମାନଙ୍କର ମିଳିତ ଦସ୍ତଖତର ଆବଶ୍ୟକ ପଡିଥାଏ ।ସବୁ ସମୟରେ ସରପଂଚମାନଙ୍କୁ ମାର୍ଗଦର୍ଶକ ଭାବେ ପିଇଓମାନଙ୍କୁ ଅବିହିତ କରାଯାଉଥିବା କାରଣରୁ ଗ୍ରାମ ପଂଚାୟତ ଶାସନର



ସୁବନ୍ଦୋବସ୍ତ ପାଇଁ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ନିକଟରେ ସରକାର ପିଇଓମାନଙ୍କ ଲାଗି ସରକାରୀ କ୍ୱାର୍ଟର୍ସର ନିର୍ମାଣ କରିଛନ୍ତି। ଏହା ଦ୍ୱାରା ସରକାରଙ୍କ ସୁଶାସନ ସିଧାସଳଖ ପଂଚାୟତର ଗରିବ ଜନ ସାଧାରଣଟିଏ ପାଇ ପାରିବ ମାତ୍ର ସରକାରଙ୍କ ଉକ୍ତ ମହତ ଉଦ୍ଦେଶ୍ୟରେ ପିଇଓମାନେ ପ୍ରତିବନ୍ଧକ ସାଜିଥିବାର ଅଭିଯୋଗ ହୁଏ। ତଥ୍ୟ ଆଧାରରେ ରାଇରଙ୍ଗପୁର ବ୍ଲକର ଅଧିକାଂଶ ପିଇଓ ଗ୍ରାମ ପଂଚାୟତ ନିକଟରେ ଥିବା ସରକାରୀ କ୍ୱାର୍ଟର୍ସରେ ରହୁନାହାନ୍ତି ଯାହାଫଳରେ ଆଭ୍ୟନ୍ତରୀଣ ଗ୍ରାମରୁ ଗ୍ରାମ ପଂଚାୟତ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ ମାନେ ଘଣ୍ଟା ଘଣ୍ଟା ଧରି ପିଇଓଙ୍କୁ ଅପେକ୍ଷା କରିଥିବାର ପରିଲକ୍ଷିତ ହୁଏ। ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳେ ବଡମଉଦା ଗ୍ରା.ପ. ନିକଟରେ ଥିବା ପିଇଓଙ୍କ ସରକାରୀ କ୍ୱାଟରରେ।କ୍ୱାଟର ସମ୍ମୁଖ ଫାଟକରେ ତାଲାଟିଏ ଝୁଲୁଛି ମାତ୍ର କ୍ୱାଟର ସମ୍ମୁଖ ଅଗଣାରେ ଗଛପତ୍ର ଉର୍ତି ହୋଇ ଏକ ଜଙ୍ଗଲ ଭ୍ରମ ସୃଷ୍ଟି କରୁଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଦୀର୍ଘଦିନରୁ ଗଛବୁଦା କଟା ନଯିବା ଫଳରେ ଛାତ ଉପରେ ମଧ୍ୟ ଘାସଗଛ ସବୁ ମୁଣ୍ଡ ଟେକିଲାଣି।ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ବଣବୁଦାରେ ପରିପୂର୍ଣ୍ଣ ଉକ୍ତ କ୍ୱାଟର୍ସକୁ ଅନେକ ସମୟରେ ବିଷଧର ସର୍ପ ଯିବା ଆସିବା କରିଥାଆନ୍ତି ।ଏଠାରେ ପ୍ରଶ୍ନ ଉଠେ ଯେ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପିଇଓମାନଙ୍କ ଲାଗି କ୍ୱାଟର୍ସର ନିର୍ମାଣ କଲେ। ମାତ୍ର 'ସରକାର କା ମାଲ ଦରିଆ ମେ ଡାଲ' ନୀତିରେ ପିଇଓ କ୍ୱାର୍ଟରର ସଦୁପଯୋଗ କଲେ ନାହିଁୟ ଗ୍ରାମ ପଂଚାୟତ ସ୍ତରରୁ ପରିବେଶ ସୁରକ୍ଷା ଉପରେ ବିଭିନ୍ନ କାର୍ଯ୍ୟ କରାଯାଏ ଏବଂ ଏଥି ନିମନ୍ତେ ମଶା ଦାଉରୁ ରକ୍ଷା ପାଇବା ପାଇଁ ଲଟାବୁଦା ଇତ୍ୟାଦି କଟା ଯିବାକୁ ଗ୍ରାମ ପଂଚାୟତରେ ଅର୍ଥର ବ୍ୟବସ୍ଥା ଥିବା ସତ୍ତ୍ୱେ ବଡମଉଦା ପିଇଓଙ୍କ କ୍ୱାଟର ତାଙ୍କର ପାରିବାପଣିଆକୁ ପ୍ରଦର୍ଶନ କରେ। ଯେଉଁଠି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ନିକଟରେ ଥିବା ପିଇଓ କ୍ୱାଟର ସଫାସୁତୁରା ନାହିଁ ସେଠାରୁ ଗ୍ରାମ ପଂଚାୟତର ଅବସ୍ଥା ସହଜରେ ଅନୁମେୟ କରିହେବ।ଏଠାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ପିଇଓମାନେ ଜନସାଧାରଣଙ୍କ ସମସ୍ୟା ସହିତ କେତେ ସମ୍ବେଦନଶୀଳ। ଗାଁ ପରିମଳ ଧୋବା ତୁଠରୁ ଜଣା ପଡିବା ପରି ବଡମଉଦା ପିଇଓଙ୍କ ସରକାରୀ କ୍ୱାଟର ଦେଖିଲେ ସମୁଦୟ ବଡମଉଦା ଗ୍ରାମ ପଂଚାୟତର ପରିବେଶ ସୁରକ୍ଷା ବିଷୟରେ ଜାଣିହେବ। ଏ ସମ୍ବନ୍ଧରେ ବଡମଉଦା ପିଇଓ ବୁଦେଇ ମାଝୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ତେବେ ପଂଚାୟତ ରାଜ ବ୍ୟବସ୍ଥା ସୁପରିଚାଳନା ପାଇଁ ବ୍ଲକର ସମସ୍ତ ପିଇଓମାନଙ୍କୁ ସେମାନଙ୍କ ଗ୍ରାମ ପଂଚାୟତ କ୍ୱାର୍ଟର୍ସରେ ରହିବା ସହିତ ସଫା ସୁତୁରା ରଖିବା ପାଇଁ ସାଧାରଣରେ ଦାବି ହେଉଛି।

## ଭାରତକୁ ବିପଦ ଆମେରିକା !

ଢାକା : ବାଂଲାଦେଶର ସେଣ୍ଟ ମାର୍ଟିନ ଦ୍ୱୀପ ପୁନର୍ବାର ଚର୍ଚ୍ଚାରେ। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସରକାରର ପତନରେ ଏହି ଦ୍ୱୀପ ଏକ ପ୍ରମୁଖ କାରଣ ଥିଲା ବୋଲି ଅଭିଯୋଗ ହୋଇଥିଲା। ଏବେ ଆମେରିକା ଏବଂ ବାଂଲାଦେଶ ମଧ୍ୟରେ ଜୁନ ୨୦୨୫ରେ କକ୍ସବଜାର ନିକଟବର୍ତ୍ତୀ ଏହି ଦ୍ୱୀପରେ ଆୟୋଜିତ ହେବାକୁ ଯାଉଛି ମିଳିତ ସମରଭ୍ୟାସ 'ଏକ୍ସରସାଇଜ ଟାଇଗର ଲାଇଟନିଂ' ଯୋଗୁଁ ଏହା ପୁନଃ ଚର୍ଚ୍ଚାରେ। ଶେଖ ହାସିନା ଅଭିଯୋଗ କରିଥିଲେ ଯେ ଆମେରିକା ଏହି ଦ୍ୱୀପକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲା, ଯାହା ତାଙ୍କ ସରକାରର ପତନର ଏକ କାରଣ ହୋଇଥିଲା। ୨୦୨୪ ଅଗଷ୍ଟ ୫ ରେ ଛାତ୍ର ଆନ୍ଦୋଳନ ଓ ଜନବିଦ୍ରୋହ ଯୋଗୁଁ ହାସିନାଙ୍କୁ ଦେଶ ଛାଡ଼ି ଭାରତରେ ଆଶ୍ରୟ ନେବାକୁ ପଡ଼ିଥିଲା। ଏହା ପରେ ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ଗଠନ ହୋଇଥିଲା, ଯିଏକି ଆମେରିକାର ସହ ନିକଟତର ବୋଲି କୁହାଯାଏ। ତେବେ କୁହାଯାଉଛି ଏହି ସମରାଭ୍ୟାସ ଶାନ୍ତିରକ୍ଷା ପ୍ରସ୍ତୁତି ଏବଂ ଉଭୟ ଦେଶର ସୈନ୍ୟବାହିନୀ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ଏହା ମାଲାକ୍କା ପ୍ରଣାଳୀ, ମିଆଁମାର, ଭାରତ ଏବଂ ଚୀନ ସହିତ ବାଣିଜ୍ୟ ଉପରେ ନଜର ରଖିବା ପାଇଁ ଆମେରିକାର ଏକ ରଣନୀତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଆମେରିକାର ସୈନ୍ୟ କକ୍ସବଜାର ଏବଂ ସେଣ୍ଟ ମାର୍ଟିନ ଦ୍ୱୀପ ନିକଟରେ ଉପସ୍ଥିତ ଥିବା ଦାବି କରାଯାଇଛି, ଯାହା ୧୯୭୧ ପରେ ବାଂଲାଦେଶରେ ପ୍ରଥମ ଥର ପାଇଁ ବିଦେଶୀ ସୈନ୍ୟର ଉପସ୍ଥିତିକୁ ନେଇ ଆଲୋଚନା ସୃଷ୍ଟି କରିଛି। ଏହି ଘଟଣା ଭାରତ, ଚୀନ ଏବଂ ମିଆଁମାର ଭଳି ପଡ଼ୋଶୀ ଦେଶମାନଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଦକ୍ଷିଣ ଏସିଆରେ ଭୂ-ରାଜନୈତିକ ସନ୍ତୁଳନକୁ ପ୍ରଭାବିତ କରିପାରେ। ସେଣ୍ଟ ମାର୍ଟିନ ଦ୍ୱୀପର ରଣନୈତିକ ଗୁରୁତ୍ୱ ଏବଂ ଏହାର ଚାରିପାଖରେ ଚାଲିଥିବା ଘଟଣାକ୍ରମ ଆଗାମୀ ଦିନରେ ଅଞ୍ଚଳରେ ନୂଆ ଉତ୍ତେଜନା ସୃଷ୍ଟି କରିପାରେ।

## ଜ୍ୟୋତି ମାଲହୋତ୍ରାଙ୍କ ସପକ୍ଷରେ ପୁଣି ବାହାରିଲେ ତାଙ୍କ ପାକିସ୍ତାନୀ ଭଉଣୀ



ଇସଲାମାବାଦ/ଚଣ୍ଡିଗଡ଼ : ହରିୟାଣାର ବାସିନ୍ଦା ତଥା ଲୋକପ୍ରିୟ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପାକିସ୍ତାନ ପାଇଁ ଗୁପ୍ତଚର କରିବା ଅଭିଯୋଗରେ ଗିରଫ କରାଯାଇଛି। ଜ୍ୟୋତିଙ୍କ ପାକିସ୍ତାନୀ ଭଉଣୀ ହୀରା ବାତୁଲ ପୁଣି ଥରେ ଜ୍ୟୋତିଙ୍କ ପାଇଁ ଓକିଲାତି କରିବାକୁ ତାଙ୍କ ସମର୍ଥନରେ ବାହାରିଛନ୍ତି। ହୀରା ସୋସିଆଲ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ ଲେଖିଛନ୍ତି, ଜ୍ୟୋତି କେବଳ ଜଣେ ଟ୍ରାଭେଲ ବ୍ଲଗର, ଜଣେ ଗୁପ୍ତଚର ନୁହନ୍ତି। ହୀରା ତାଙ୍କ ଇନଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, 'ଜ୍ୟୋତି କେବଳ ଜଣେ ଯାତ୍ରା ବ୍ଲଗର, ଗୁପ୍ତଚର ନୁହନ୍ତି। ନିର୍ଦ୍ଦୋଷ ଲୋକଙ୍କୁ ଟାର୍ଗେଟ କରିବା ବନ୍ଦ କର। ମୁଁ ଏବେ ବି କହୁଛି ଯେ ସେ ନିର୍ଦ୍ଦୋଷ। ଜ୍ୟୋତିଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ହୀରା ଆହୁରି ଲେଖିଛନ୍ତି, "ମୁଁ ପେସାରେ ଜଣେ ସାମ୍ବାଦିକା ଏବଂ ତେଣୁ ମୋର ସମସ୍ତଙ୍କ ସହିତ ସମ୍ପର୍କ ଅଛି। ମୋତେ ବିନା କୌଣସି କାରଣରେ ଟାର୍ଗେଟ କରାଯାଉଛି। ମୁଁ ଏବେ ବି ମୋର ବକ୍ତବ୍ୟରେ ଅଟଳ ଏବଂ ସତ୍ୟରେ ଅଟଳ। ନିକଟରେ ଜ୍ୟୋତି ମାଲହୋତ୍ରାଙ୍କ ହୀରା ବାତୁଲ ସହିତ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯେଉଁଥିରେ ଜ୍ୟୋତି ହୀରାଙ୍କୁ ତାଙ୍କ 'ଭଉଣୀ' ବୋଲି କହିଛନ୍ତି। ଯେତେବେଳେ ଜ୍ୟୋତି ଦ୍ୱିତୀୟ ଥର ପାଇଁ ପାକିସ୍ତାନ ଯାଇଥିଲେ, ସେ ହୀରାଙ୍କୁ ଭେଟିଥିଲେ। ହୀରା ଜଣେ ସାମ୍ବାଦିକା ଏବଂ ବୃତ୍ତିରେ ସେ ଇନ୍‌ଷ୍ଟାଗ୍ରାମ ଇନ୍‌ଫ୍ଲୁଏନ୍ସର। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଜ୍ୟୋତି ମାଲହୋତ୍ରାଙ୍କୁ ଗିରଫ କରାଯାଇଛି। ଅଭିଯୋଗ ହୋଇଛି ଯେ, ସେ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଓଝଓର ଲୋକଙ୍କ ସହିତ ସମ୍ପର୍କରେ ଥିଲେ, ଯେଉଁଥିରେ ପାକିସ୍ତାନୀ ହାଇ କମିଶନର ଅଧିକାରୀ ଏହସାନ-ଉର୍ର ରହିମ ଓରଫ ଦାନିଶ ମଧ୍ୟ ସାମିଲ ଥିଲେ। ଦାନିଶ ଜ୍ୟୋତିଙ୍କ ଭିଜା କରାଇଦେଲେ, ତା'ପରେ ସେ ପାକିସ୍ତାନ ଚାଲିଗଲେ। ସେ ପାକିସ୍ତାନରେ ଥିବା ଆଇଏସଆଇ ଏଜେଣ୍ଟମାନଙ୍କ ସମ୍ପର୍କରେ ଆସିଥିଲେ। ଜ୍ୟୋତି ଏବେ ବି ତାଙ୍କ ସହିତ ଯୋଡ଼ି ହୋଇଥିଲେ ଏବଂ ହ୍ୱାଟ୍ସଆପ୍ ଏବଂ ଟେଲିଗ୍ରାମ ମାଧ୍ୟମରେ ଯୋଗାଯୋଗ କରୁଥିଲେ। ଦେଶ ବିରୋଧୀ କାର୍ଯ୍ୟକଳାପ ଯୋଗୁ ଭାରତ ସରକାର ମେ' ୧୩ରେ ଦାନିଶଙ୍କୁ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଜ୍ୟୋତିଙ୍କ ବ୍ୟତୀତ ବିଭିନ୍ନ ରାଜ୍ୟରୁ ଆହୁରି ଅନେକ ଗୁପ୍ତଚର ଧରାପଡ଼ିଛନ୍ତି। ଏହି ଗୁପ୍ତଚରମାନଙ୍କର ଦାନିଶ ସହିତ ସମ୍ପର୍କ ମଧ୍ୟ ସାମ୍ନାକୁ ଆସିଛି। ସୁରକ୍ଷା ତଦନ୍ତ ଏଜେନ୍ସିଗୁଡ଼ିକ ସମସ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରୁଛନ୍ତି।

# ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନର ମୁହଁ ବନ୍ଦ କଲା ଭାରତ



ନ୍ୟୁୟର୍କ : ଭାରତ ଜାତିସଂଘ ସୁରକ୍ଷା ପରିଷଦରେ ପାକିସ୍ତାନର ମୁହଁ ବନ୍ଦ କରିଛି ଭାରତ। ପାକିସ୍ତାନର 'ଘୋର କପଟତା'କୁ ନିନ୍ଦା କରି କହିଛି, ଯେଉଁ ଦେଶ ଆତଙ୍କବାଦୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ, ତାହାର ସାଧାରଣ ଲୋକଙ୍କ ସୁରକ୍ଷା ବିଷୟରେ କଥା ହେବାର କୌଣସି ଅଧିକାର ନାହିଁ। ଭାରତ ଏହା ଉପରେ ଗୁରୁତ୍ୱାରୋପ କରିଛି, ପାକିସ୍ତାନୀ ସେନା ଏହି ମାସର ଆରମ୍ଭରେ ଜାଣିଶୁଣି ଭାରତୀୟ ସୀମାନ୍ତ ଗ୍ରାମଗୁଡ଼ିକୁ ଗୁଳିମାଡ଼ କରିଥିଲା। ସାଧାରଣ ନାଗରିକଙ୍କୁ ହତ୍ୟା କରିଥିଲା ଏବଂ ଧାର୍ମିକ ସ୍ଥଳଗୁଡ଼ିକୁ ଜାଣିଶୁଣି ଟାର୍ଗେଟ କରିଥିଲା। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବଥନେନୀ ହରିଶ କହିଛନ୍ତି, ପାକିସ୍ତାନୀ ପ୍ରତିନିଧିଙ୍କ ଦ୍ୱାରା ଅନେକ ପ୍ରସଙ୍ଗରେ କରାଯାଇଥିବା ଭିତ୍ତିହୀନ ଅଭିଯୋଗର ଜବାବ ଦେବାକୁ ମୁଁ ବାଧ୍ୟ। ଭାରତ ପୂର୍ବରୁ, ଜାତିସଂଘରେ ପାକିସ୍ତାନର ରାଷ୍ଟ୍ରଦୂତ ଅସୀମ ଇଫତିଖାର ଅହମ୍ମଦ ତାଙ୍କ ଭାଷଣରେ କଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମ୍ପ୍ରତିକ ବିବାଦ ବିଷୟରେ ଆଲୋଚନା କରିଥିଲେ। କଡ଼ା ପ୍ରତିକ୍ରିୟା ଦେଇ ହରିଶ କହିଛନ୍ତି, ଭାରତ ଦଶନ୍ଧି ଧରି ଏହାର ସୀମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ସମ୍ମୁଖୀନ ହୋଇଆସୁଛି। ଏହା ମୁମ୍ବାଇ ସହର ଉପରେ ହୋଇଥିବା ଭୟଙ୍କର ୨୬/୧୧ ଆକ୍ରମଣଠାରୁ ଆରମ୍ଭ କରି ଏପ୍ରିଲ ୨୦୨୫ରେ ପହଲଗାମରେ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କ ନିର୍ମମ ଗଣହତ୍ୟା ପର୍ଯ୍ୟନ୍ତ ପରିସରଭୁକ୍ତ। ହରିଶ ଆହୁରି କହିଛନ୍ତି, ପାକିସ୍ତାନୀ ଆତଙ୍କବାଦର ଶିକାର ମୁଖ୍ୟତଃ ସାଧାରଣ ନାଗରିକ ହୋଇଛନ୍ତି। କାରଣ ଏହାର ଲକ୍ଷ୍ୟ ଆମର ସମୃଦ୍ଧି, ପ୍ରଗତି ଏବଂ ମନୋବଳ ଉପରେ ଆକ୍ରମଣ କରିବା। ଏପରି ଏକ ଦେଶ ନିଜ ନାଗରିକଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିବା ଅନ୍ତର୍ଜାତୀୟ ସମ୍ପ୍ରଦାୟ ପାଇଁ ଅପମାନ। ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ପାଇଁ ବାରମ୍ବାର ସାଧାରଣ ଲୋକଙ୍କ ଢାଲ ବ୍ୟବହାର କରିଛି। ଆମେ ସମ୍ପ୍ରତି ପାକିସ୍ତାନର ବରିଷ୍ଠ ସରକାରୀ, ପୋଲିସ ଏବଂ ସାମରିକ ଅଧିକାରୀମାନଙ୍କୁ ଅପରେଶନ ସିନ୍ଦୂର ଦ୍ୱାରା ଟାର୍ଗେଟ କରାଯାଇଥିବା ଆତଙ୍କବାଦୀଙ୍କ ଶବଦାହରେ ଯୋଗଦେବାର ଦେଖିଛୁ। ଯେଉଁ ଦେଶ ଆତଙ୍କବାଦୀ ଏବଂ ନାଗରିକଙ୍କ ମଧ୍ୟରେ ପାର୍ଥକ୍ୟ କରେ ନାହିଁ, ତାହାର ନାଗରିକଙ୍କ ସୁରକ୍ଷା ବିଷୟରେ କଥା ହେବାର କୌଣସି ଅଧିକାର ନାହିଁ। ହରିଶ କହିଲେ, ଆମକୁ ସ୍ପଷ୍ଟ ହେବାକୁ ପଡିବ। ଜାତିସଂଘ ଦ୍ୱାରା ମନୋନୀତ ଆତଙ୍କବାଦୀଙ୍କ ସୁରକ୍ଷା ପାଇଁ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ଯୁକ୍ତି ଭାବରେ ବ୍ୟବହାର କରାଯିବା ଉଚିତ୍ ନୁହେଁ। ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଆତଙ୍କବାଦ ବିରୁଦ୍ଧରେ ଏକ ଶୂନ୍ୟ ସହନଶୀଳତା ନୀତି ପ୍ରଣୟନ କରିବାକୁ ପଡିବ ଏବଂ ଯେଉଁମାନେ ଏହାକୁ ପ୍ରାୟୋଜିତ ଏବଂ ରକ୍ଷା କରନ୍ତି ସେମାନଙ୍କୁ ଡାକିବାକୁ ପଡିବ। ପରିଷଦ ଏବଂ ଅନ୍ତର୍ଜାତୀୟ ସମ୍ପ୍ରଦାୟ ନାଗରିକଙ୍କ ଜୀବନ, ସମ୍ମାନ ଏବଂ ଅଧିକାର ସମେତ ପ୍ରଭାବଶାଳୀ ଏବଂ ସମୟୋଚିତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଉଚିତ। ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ୭ ମେ ରାତିରେ 'ଅପରେଶନ ସିନ୍ଦୂର' ଅଧୀନରେ ସଠିକ ଆକ୍ରମଣ ମାଧ୍ୟମରେ ପାକ ଅଧିକୃତ କଶ୍ମୀର ଏବଂ ପାକିସ୍ତାନରେ ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲା। ଏହାର କିଛି ସମୟ ପରେ, ପାକିସ୍ତାନ ୮, ୯ ଏବଂ ୧୦ ମେରେ ଭାରତୀୟ ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା।

## ପାକିସ୍ତାନୀ ଏଜେଣ୍ଟଙ୍କୁ ବିଏସ୍‌ଏଫ୍ ଓ ଆଇଏଏଫର ତଥ୍ୟ ଦେବା ଅଭିଯୋଗରେ ସ୍ୱାସ୍ଥ୍ୟକର୍ମୀ ଗିରଫ

ନୂଆଦିଲ୍ଲୀ : ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସହିତ ଯୋଗାଯୋଗରେ ରହିବା ଓ ଜଣେ ପାକିସ୍ତାନୀ ଏଜେଣ୍ଟଙ୍କୁ ଦେଶର ସମ୍ବେଦନଶୀଳ ସୂଚନା ପ୍ରଦାନ କରିବା ଅଭିଯୋଗରେ ଗୁଜରାଟ ଆଣ୍ଟି-ଟେରୋରିଜିମ ସ୍କ୍ୱାଡ୍ (ଏଟିଏସ୍) ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହି ସନ୍ଦିଗ୍ଧ ଗୁପ୍ତଚରଙ୍କ ନାଁ ସହଦେବ ସିଂହ ଗୋହିଲ। ସେ ଗୁଜରାଟର ବାସିନ୍ଦା। ତାଙ୍କୁ କଚ୍ଛ ସୀମାରୁ ଗିରଫ କରାଯାଇଛି। ତାଙ୍କୁ ଅହମଦାବାଦ ନେଇ ପଚରାଉଚରା କରୁଛି ଏଟିଏସ୍। ଗୁଜରାଟ ଏଟିଏସ୍‌ର ଏସ୍‌ପି କେ. ସିଦ୍ଧାର୍ଥ କହିଛନ୍ତି, ସହଦେବ ସିଂହ ଗୋହିଲ ଜଣେ ବହୁ ଉଦ୍ଦେଶୀୟ ସ୍ୱାସ୍ଥ୍ୟକର୍ମୀ। ତାଙ୍କ ଘର କଚ୍ଛ ଅଞ୍ଚଳରେ। ଜଣେ ପାକିସ୍ତାନୀ ଏଜେଣ୍ଟଙ୍କୁ ଦେଶର ସମ୍ବେଦନଶୀଳ ସୂଚନା ପ୍ରଦାନ କରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଏଟିଏସ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ସହଦେବ ସିଂହ



ଗୋହିଲ ବିଏସ୍‌ଏଫ୍ ଓ ଭାରତୀୟ ବାୟୁସେନା (ଆଇଏଏଫ) ସଂପର୍କରେ ସମ୍ବେଦନଶୀଳ ସୂଚନା ଶତ୍ରୁ ରାଷ୍ଟ୍ରର ଏଜେଣ୍ଟଙ୍କୁ ଦେଇଛନ୍ତି। ତଦନ୍ତ ବେଳେ ସହଦେବ ସିଂହ ଗୋହିଲ କହିଥିଲେ ଯେ ୨୦୨୩ ଜୁନ୍ ମାସରେ ସେ ହ୍ୱାଟ୍‌ସଆପ୍‌ରେ ଅଦିତି ଭରଦ୍ୱାଜ ନାମ୍ନୀ ଜଣେ ମହିଳାଙ୍କ ଯୋଗାଯୋଗରେ ଆସିଥିଲେ। ପରେ ସେ ଜାଣିଲେ ଯେ ଉକ୍ତ ମହିଳା ଜଣେ ପାକିସ୍ତାନୀ ଏଜେଣ୍ଟ। ଉକ୍ତ ମହିଳା ଜଣଙ୍କ ତାଙ୍କୁ ବିଏସ୍‌ଏଫ୍ ଓ ଭାରତୀୟ ବାୟୁସେନାର କିଛି ଠିକଣାର ଫଟୋ ଓ ଭିଡିଓ ଦେବାକୁ କହିଥିଲେ। ବିଶେଷ କରି ସେମାନଙ୍କର କିଛି ନୂତନ କୋଠା ତଥା ନିର୍ମାଣାଧୀନ କୋଠାର ଫଟୋ ଓ ଭିଡିଓ ପଠାଇବାକୁ ସେ କହିଥିଲେ। ସହଦେବ ସିଂହ ଗୋହିଲ ସେହି କାମ କରିଥିଲେ। ସେ ଫଟୋ ଓ ଭିଡିଓ କରି ହ୍ୱାଟ୍‌ସଆପ୍‌ରେ ସେହି ମହିଳାଙ୍କୁ ପଠାଇଥିଲେ। ୨୦୨୫ ପ୍ରାରମ୍ଭରେ ସହଦେବ ସିଂହ ଗୋହିଲ ତାଙ୍କ ଆଧାରକାର୍ଡ ବ୍ୟବହାର କରି ଏକ ନୂଆ ସିମ୍ କାର୍ଡ କିଣିଥିଲେ। ସେହି ନମ୍ବରରେ ସେ ପାକିସ୍ତାନୀ ଏଜେଣ୍ଟ ଅଦିତି ଭରଦ୍ୱାଜଙ୍କ ହ୍ୱାଟ୍‌ସଆପ୍‌କୁ ଆକ୍ଟିଭେଟ୍ କରିଥିଲେ। ସେହି ନମ୍ବରରେ ସେ ଅଦିତି ଭରଦ୍ୱାଜଙ୍କ ସହିତ ସମସ୍ତ ବାର୍ତ୍ତାଳାପ କରୁଥିଲେ ଓ ଫାଇଲ ଆଦି ପଠାଉଥିଲେ। କୌଣସି ଅଜଣା ବ୍ୟକ୍ତିଙ୍କ ପକ୍ଷରୁ ସହଦେବ ସିଂହ ଗୋହିଲଙ୍କୁ ନଗଦ ୪୦ ହଜାର ଟଙ୍କା ମଧ୍ୟ ଦିଆଯାଇଥିଲା। ଏଟିଏସ୍‌ର ଏସ୍‌ପି କେ ସିଦ୍ଧାର୍ଥ କହିଛନ୍ତି ଯେ ଯେଉଁ ହ୍ୱାଟ୍‌ସଆପ୍ ନମ୍ବର ସହିତ ସହଦେବ ସିଂହ ଗୋହିଲ ଯୋଗାଯୋଗରେ ଥିଲେ, ତାହାକୁ ପାକିସ୍ତାନରୁ ଅପରେଟ କରାଯାଉଥିଲା। ସହଦେବ ସିଂହ ଗୋହିଲଙ୍କ ମୋବାଇଲ ଫୋନ୍‌କୁ ଫରେନସିକ୍ ସାଇନ୍ସ ଲାବୋରେଟୋରୀକୁ ପଠାଇ ଦିଆଯାଇଛି। ଏହା ସହିତ ତାଙ୍କ ନାଁରେ ଓ ଉକ୍ତ ପାକିସ୍ତାନୀ ଏଜେଣ୍ଟ ନାଁରେ ମାମଲା ରୁଜୁ କରାଯାଇଛି। ଗତ କିଛି ଦିନରେ ପାକିସ୍ତାନୀ ପାଇଁ ଗୁଇନ୍ଦାଗିରି କରିବା ଅଭିଯୋଗରେ ହରିୟାଣା, ପଞ୍ଜାବ ଓ ଉତ୍ତର ପ୍ରଦେଶରୁ ୧୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେହି ତାଲିକାରେ ଏବେ ଯୋଡ଼ି ହୋଇଛନ୍ତି ସହଦେବ ସିଂହ ଗୋହିଲ। ଗିରଫ ହୋଇଥିବା ଏହି ସନ୍ଦିଗ୍ଧ ଗୁପ୍ତଚରଙ୍କ ମଧ୍ୟରେ ଅଧିକ ଚର୍ଚ୍ଚାରେ ଅଛନ୍ତି ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା।

## ରାହୁଲ ଗାନ୍ଧିଙ୍କ ବିରୋଦ୍ଧରେ ଜାମିନ ବିହୀନ ପରୱାନା ଜାରି

ନୂଆଦିଲ୍ଲୀ : କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଅଡୁଆ ବଢ଼ିଛି। ଗୋଟିଏ ମାନହାନୀ କେସ୍‌ରେ ତାଙ୍କ ନାଁରେ ଜାରି ହୋଇଛି ଜାମିନ ବିହୀନ ୱାରେଣ୍ଟ। ଝାଡ଼ଖଣ୍ଡର ଚାଇବାସା ସ୍ଥିତ ଗୋଟିଏ ସାଂସଦ-ବିଧାୟକ କୋର୍ଟ ରାହୁଲ ଗାନ୍ଧିଙ୍କ ବିରୋଧରେ ଏପରି ପରୱାନା ଜାରି କରିଛନ୍ତି। ତାଙ୍କୁ ବ୍ୟକ୍ତିଗତ ଭାବେ ଜୁନ ୨୬ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାହୁଲ ଗାନ୍ଧିଙ୍କ ଓକିଲ ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ପାଇଁ ଆବେଦନ କରିଥିଲେ ହେଁ ଏହାକୁ କୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି। ୨୦୧୮ରେ ରାହୁଲ ଗାନ୍ଧି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମ୍ପର୍କରେ କିଛି ବୟାନ ଦେଇଥିଲେ। ଏହା ଅତ୍ୟନ୍ତ ଅରୁଚିକର ଓ ସମ୍ମାନହାନୀ କରିବା ଭଳି ବୟାନ ଥିଲା ବୋଲି ଅଭିଯୋଗ କରି ବିଜେପି ନେତା ପ୍ରତାପ କଟିୟାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ଏହାର ଶୁଣାଣି କରି କୋର୍ଟ ରାହୁଲ ଗାନ୍ଧିଙ୍କୁ ନୋଟିସ କରିଛନ୍ତି। ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲ ଗାନ୍ଧି ତାଙ୍କ ଭାଷଣରେ ଦାବି କରିଥିଲେ ଯେ ହତ୍ୟା ଅଭିଯୋଗର ସାମ୍ନା କରୁଥିବା ଜଣେ ବ୍ୟକ୍ତି ବିଜେପିର ସଭାପତି ହୋଇପାରିବେ। ରାହୁଲ ଗାନ୍ଧିଙ୍କ ଏପରି ବୟାନ ଅତ୍ୟନ୍ତ ଅରୁଚିକର ଓ ଏହା ସମସ୍ତ ବିଜେପି କର୍ମୀଙ୍କ ପାଇଁ ଅପମାନଜନକ ବୋଲି ଅଭିଯୋଗ କରି ପ୍ରତାପ ୨୦୧୮ ମସିହା ଜୁଲାଇ ୯ରେ ଚାଇବାସାର ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଅର୍ଥାତ ୨୦୨୦ ଫେବୃଆରୀ ମାସରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାହୁଲ ଗାନ୍ଧିଙ୍କ ବିରୋଧରେ ହୋଇଥିବା ମାନହାନୀ କେସ୍‌କୁ ରାଞ୍ଚିରେ ଥିବା ଏମପି-ଏମଏଲଏ କୋର୍ଟଙ୍କୁ ସ୍ଥାନାନ୍ତର ହୋଇଥିଲା। ଏହାପରେ ଚାଇବାସା ସ୍ଥିତି ଏମ-ଏମଏଲଏ କୋର୍ଟ ଏହାର ବିଚାର କରିଥିଲେ। ଏଠାରେ ଥିବା ମାଜିଷ୍ଟ୍ରେଟ ମାମଲାକୁ ବିଚାରକୁ ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ନୋଟିସ କରିଥିଲେ। ବାରମ୍ବାର ନୋଟିସ ସତ୍ତ୍ୱେ ରାହୁଲ ଗାନ୍ଧି କୋର୍ଟରେ ହାଜର ହୋଇ ନଥିଲେ। ପ୍ରଥମେ ତାଙ୍କ ବିରୋଧରେ ଜାମିନ ଯୁକ୍ତ ୱାରେଣ୍ଟ ଜାରି କରାଯାଇଥିଲା। ରାହୁଲ ଗାନ୍ଧି ଝାଡ଼ଖଣ୍ଡ ହାଇକୋର୍ଟରେ ପହଞ୍ଚି ୱାରେଣ୍ଟ ଉପରେ ରୋକ ଲଗାଇବାକୁ ଆବେଦନ କରିଥିଲେ। ଏହି ଆବେଦନ ୨୦୨୪ ମାର୍ଚ୍ଚ ୨୦ରେ ଖାରଜ କରି ଦିଆଯାଇଥିଲା। ସେଠାରୁ ଯାଇ ରାହୁଲ ଗାନ୍ଧି ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ପାଇବା ପାଇଁ ଆବେଦନ କରିଥିଲେ। ଏହାକୁ ମଧ୍ୟ ଚାଇବାସା କୋର୍ଟ ଅଗ୍ରାହ୍ୟ କରିଥିଲେ। ଏବେ ସ୍ୱତନ୍ତ୍ର କୋର୍ଟ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରି ରାହୁଲ ଗାନ୍ଧିଙ୍କ ବିରୋଧରେ ଜାମିନ ବିହୀନ ପରୱାନା ଜାରି କରିଛନ୍ତି।

## ଟ୍ରମ୍ପଙ୍କ ହାର୍ଭାର୍ଡ ନିଷ୍ପତ୍ତି ପରେ ଦୋ'ଛକିରେ ଭବିଷ୍ୟତ ରାଣୀଙ୍କ ଭାଗ୍ୟ

ନୂଆଦିଲ୍ଲୀ : ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି ୨୩ ବର୍ଷୀୟ ରାଜ କୁମାରୀ ଏଲିଜାବେଥଙ୍କ ଭବିଷ୍ୟତ। ସେ ଭବିଷ୍ୟତରେ ବେଲଜିୟମର ରାଣୀ ହେବେ। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ହାର୍ଭାର୍ଡ ନିଷ୍ପତ୍ତି' ତାଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି। ବର୍ତ୍ତମାନ ରାଜକୁମାରୀ ଏଲିଜାବେଥ ହାର୍ଭାର୍ଡ ବିଶ୍ୱ ବିଦ୍ୟାଳୟର ଛାତ୍ରୀ। ସେ ସେଠାରେ ନିଜ ପ୍ରଥମ ବର୍ଷର ପାଠପଢ଼ା ଶେଷ କରିଛନ୍ତି। ଏସବୁ ଭିତରେ ଟ୍ରମ୍ପ ପ୍ରଶାସନ ବିଦେଶୀ ଶିକ୍ଷାର୍ଥୀଙ୍କ ପାଠପଢ଼ା ଓ ପଞ୍ଜୀକରଣ ଉପରେ ରୋକ ଲଗାଇ ଦେଇଛନ୍ତି। ଏପରି ସ୍ଥିତିରେ ରାଜକୁମାରୀଙ୍କ ଭବିଷ୍ୟତର ପାଠପଢ଼ା ଅନିଶ୍ଚିତତା ମଧ୍ୟକୁ ଚାଲି ଯାଇଛି। ଗୁରୁବାର ଟ୍ରମ୍ପ ପ୍ରଶାସନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଠାରୁ ବିଦେଶୀ ଶିକ୍ଷାର୍ଥୀଙ୍କ ନାମ ଲେଖା କ୍ଷମତା ଛଡ଼ାଇ ନେଇଛି। ଏଥିସହ ସେଠାରେ ପଢୁଥିବା ହଜାର ହଜାର ଭାରତୀୟ ଓ ବିଦେଶୀ ଶିକ୍ଷାର୍ଥୀଙ୍କୁ ତୁରନ୍ତ ଅନ୍ୟ ଶିକ୍ଷାନୁଷ୍ଠାନକୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସେମାନେ ସେଠାରୁ ଅନ୍ୟତ୍ର



ଯିବେ ନାହିଁ, ତା'ହେଲେ ଆମେରିକାରେ ସେମାନଙ୍କୁ ମିଳୁଥିବା ଆଇନଗତ ମାନ୍ୟତା ପ୍ରତ୍ୟାହାର କରି ନିଆଯିବ। ବାସ୍ ଟ୍ରମ୍ପ ପ୍ରଶାସନର ଏପରି ଘୋଷଣା ପରେ ରାଜ କୁମାରୀ ଏଲିଜାବେଥଙ୍କ ସମେତ ହଜାର ହଜାର ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ବେଲଜିୟମ ରୟାଲ ପ୍ୟାଲେସ ମୁଖପାତ୍ର ଲୋରେ ଭାନଡୋରେନ କହିଛନ୍ତି, "ରାଜ କୁମାରୀ ଏଲିଜାବେଥ କେବଳ ନିଜର ପ୍ରଥମ ବର୍ଷ ପାଠପଢ଼ା ଶେଷ କରିଛନ୍ତି। ଟ୍ରମ୍ପ ପ୍ରଶାସନ ନେଇଥିବା ନିଷ୍ପତ୍ତିର ପ୍ରଭାବ ଆଗାମୀ ଦିନରେ ସ୍ପଷ୍ଟ ହେବ। ଆମେ ବର୍ତ୍ତମାନ ପରିସ୍ଥିତିର ଯାଞ୍ଚ କରୁଛୁ। ସ୍ଥିତିକୁ ଦେଖି ସବୁ କିଛି ପଦକ୍ଷେପ ନିଆଯିବ। ଆଗାମୀ ଦିନରେ ଅନେକ କିଛି ଘଟଣା ଘଟିପାରେ।" ହାର୍ଭାର୍ଡରେ ରାଜ କୁମାରୀ ଏଲିଜାବେଥ ଲୋକ ନୀତିରେ ୨ ବର୍ଷୀୟ ମାଷ୍ଟର ଡିଗ୍ରୀ କରୁଛନ୍ତି। ଏହି ପାଠ୍ୟକ୍ରମ ସାଧାରଣ ଲୋକଙ୍କ ସେବା କରିବାରେ ବେଶ ସହାୟକ ହୋଇଥାଏ। ବେଲଜିୟମ ସିଂହାସନର ଉତ୍ତରାଧିକାରୀ ହେଉଛନ୍ତି ରାଜ କୁମାରୀ ଏଲିଜାବେଥ। ସେ ରାଜା ଫିଲିପ ଓ ରାଣୀ ମାଥିଲଡେଙ୍କ ୪ ସନ୍ତାନଙ୍କ ମଧ୍ୟରୁ ସବୁଠାରୁ ବଡ଼। ହାର୍ଭାର୍ଡ଼ା ନାମ ଲେଖାଇବା ପୂର୍ବରୁ ରାଜ କୁମାରୀ ଏଲିଜାବେଥ ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଇତିହାସ ଓ ରାଜନୀତିରେ ଡିଗ୍ରୀ ହାସଲ କରିଥିଲେ।

## ନୀତି ଆୟୋଗ ବୈଠକରେ ଯୋଗ ଦେଲେନି ନୀତୀଶ

ନୂଆଦିଲ୍ଲୀ : ନୀତି ଆୟୋଗର ଦଶମ ଗଭର୍ଣ୍ଣିଂ କାଉନସିଲ ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଜାତୀୟ ରାଜଧାନୀ ଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହୋଇଛି। ବିକଶିତ ଭାରତ ଅ୨୦୪୭ ଉପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯାଇଛି। ତଥାପି ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏହି ବୈଠକରୁ ନିଜକୁ ଦୂରେଇ ରଖିଛନ୍ତି। ଏହି ବୈଠକରେ ଯୋଗଦେବା ପାଇଁ ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପହଞ୍ଚିଥିଲେ। ଏହି ସମୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବୈଠକରୁ ନିଜକୁ ଦୂରେଇ ରଖିଛନ୍ତି। ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ ତେବେ ମମତା ଏହି ବୈଠକରେ ଯୋଗ ନଦେବାକୁ ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ତଥାପି ଯୋଗ ନ ଦେବାର କାରଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ମମତାଙ୍କ ବ୍ୟତୀତ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ କେରଳ ମୁଖ୍ୟମନ୍ତ୍ରୀ ବିଜୟନ ମଧ୍ୟ ବୈଠକରେ ଯୋଗ ଦେଇ ନଥିଲେ। ଏହା ବ୍ୟତୀତ ଭାଜପା ସହଯୋଗୀ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଏହି ବୈଠକରେ ଅନୁପସ୍ଥିତ ଅଛନ୍ତି। ନୀତୀଶ କାହିଁକି ଯୋଗ ଦେବେ ନାହିଁ ତାହାର କାରଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ଏହି କାରଣରୁ ଭାଜପାର ସହଯୋଗୀ ଦଳ ହେବା ସତ୍ତ୍ୱେ ବୈଠକରେ ଯୋଗ ନ ଦେବା ଯୋଗୁ ଅନେକ ପ୍ରଶ୍ନ ଉଠାଯାଉଛି।

# ୨୮ ତାରିଖରେ କୋଭିଡ୍ ସମୀକ୍ଷା ବୈଠକ

ନୂଆଦିଲ୍ଲୀ : ଦେଶରେ ଲଗାତାର କରୋନା ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଛି । ଆସନ୍ତା ୨୮ ତାରିଖରେ କୋଭିଡ୍? ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ବସିବ । ଏହି ବୈଠକରେ ସମସ୍ତ ରାଜ୍ୟ ସହ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆଲୋଚନା କରିବେ । କୋଭିଡ୍, ନିପା, ଇନ୍?ଫ୍ଲୁଏଞ୍ଜା ପରି ଭୂତାଣୁ ନେଇ ସମୀକ୍ଷା ହେବ ।ସେହିପରି ମୁମ୍ବାଇରେ ଏହାର ଆରମ୍ଭ ହୋଇଥିବା ବେଳେ ମୋଟ ମାମଲା ୨୪ ମେ' ସକାଳ ସୁଦ୍ଧା ୩୧୨ ରେକର୍ଡ କରାଯାଇଛି । ଅନ୍ୟ ଦେଶ ତୁଳନାରେ ଏହି ସଂଖ୍ୟା କମ୍? ବୋଲି କୁହାଯାଉଛି । ମାତ୍ର



ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏହା ନିୟନ୍ତ୍ରଣରେ ରହିବା ଆବଶ୍ୟକ । କରୋନାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି ।୨୩ ମେ'ରେ ଦେଶରେ ନୂଆ ୨୯ ମାମଲା ରେକର୍ଡ କରାଯାଇଥିଲା । ଗୁଜରାଟ ଅହମଦାବାଦରୁ ୨୦, ୟୁପିରୁ ୪ ଓ ହରିୟାଣାରୁ ୫ ମାମଲା ସାମ୍ନାକୁ ଆସିଥିଲା । ସେହିପରି ବେଙ୍ଗାଲୁରୁରେ ୯ ମାସର ଏକ ଶିଶୁ କରୋନା ପଜିଟିଭ୍ ଚିହ୍ନଟ ହୋଇଛି । ଦିଲ୍ଲୀ ସରକାର ୨୩ ମେ'ରେ ସ୍ୱାସ୍ଥ୍ୟ ଗାଇଡ୍‌ଲାଇନ୍ ଜାରି କରିଛି । ହସ୍ପିଟାଲ ମାନଙ୍କରେ ଶଯ୍ୟା, ଅକ୍ସିଜେନ୍, ଆବଶ୍ୟକ ପରିମାଣରେ ଔଷଧ ରଖିବାକୁ ନିର୍ଦ୍ଦେଶ ଦେଇଛି । ଯଦି କରୋନା ପଜିଟିଭ୍ ଚିହ୍ନଟ ହେଉଛି, ସେମାନଙ୍କ ନମୁନା ପରୀକ୍ଷା କରାଯାଇ ଚିକିତ୍ସାରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ କରୋନାର ଏହି ଭାରିଆଣ୍ଟ ଓମିକ୍ରୋନ୍‌ର ସବ୍ ଭାରିଆଣ୍ଟ । ଏହା ରୋଗୀଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରୁଛି । ବିଶେଷ କରି ବୟସ୍କ, ଶିଶୁମାନେ, ପୂର୍ବରୁ ଅନେକ ରୋଗରେ ପୀଡିତ ଥିବା ରୋଗୀ ଅଧିକ ଯତ୍ନବାନ୍ ରୁହନ୍ତୁ । ଦେଶରେ ୨୦୨୩ରେ ମଧ୍ୟ ଏହି ଭାରିଆଣ୍ଟର ମାମଲା ଦେଖାଯାଇଥିଲା । ୟୁପି, ଦିଲ୍ଲୀ, ଓଡିଶା, ଆନ୍ଧ୍ରପ୍ରଦେଶ, ହରିୟାଣା, ମହାରାଷ୍ଟ୍ର ସହ ଅନ୍ୟ ରାଜ୍ୟରେ କରୋନା ପାଇଁ ଗାଇନ୍‌ଲାଇନ୍ ଜାରି ହୋଇଛି । ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଲୋକଙ୍କୁ ଅପିଲ୍ କରିଛି ଯେ, ନିଜକୁ ଭୂତାଣୁ ଠାରୁ ସର୍ବଦା ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ଏହି ନିୟମର ପାଳନ କରନ୍ତୁ.. କ'ଣ କରିବେ-ମାସ୍କ ପିନ୍ଧନ୍ତୁ, ହାତକୁ ସଫା ରଖନ୍ତୁ । ସାନିଟାଇଜର ବ୍ୟବହାର କରନ୍ତୁ । ଭିଡ ସ୍ଥାନରୁ ଦୂରେଇ ରୁହନ୍ତୁ ।

## ଗିନିଜ ବିଶ୍ୱ ରେକର୍ଡରେ ଏଲଆଇସି

ନୂଆଦିଲ୍ଲୀ : ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ଗିନିଜ ବିଶ୍ୱ ରେକର୍ଡରେ ନିଜ ନାମକୁ ସାମିଲ କରିଛି। ୨୪ ଘଣ୍ଟାରେ ସର୍ବାଧିକ ପଲିସି ବିକ୍ରି କରି ଏହି ଭାରତୀୟ ସଂସ୍ଥା ଗିନିଜ ରେକର୍ଡରେ ସ୍ଥାନ ପାଇଛି। ଗତ ଜାନୁୟାରୀ ୨୦ ତାରିଖରେ ସଂସ୍ଥାର ୪ ଲକ୍ଷ ୫୨ ହଜାର ୮୩୯ ଜଣ ଏଜେଣ୍ଟ ଦେଶବ୍ୟାପୀ ମୋଟ ୫ ଲକ୍ଷ ୮୮ ହଜାର ୧୦୭ଟି ପଲିସି ସଫଳତାର ସହିତ ସମ୍ପୂର୍ଣ୍ଣ କରିଛନ୍ତି। ଯେଉଁଥିପାଇଁ ସଂସ୍ଥା ଏହି ବିରଳ ରେକର୍ଡର ଅଧିକାରୀ ହୋଇଛି ବୋଲି ଶନିବାର ଏଲଆଇସି ପକ୍ଷରୁ କୁହାଯାଇଛି। ଏଲଆଇସିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସିର୍ଦ୍ଧାର୍ଥ ମହାନ୍ତି ସମସ୍ତ ଏଜେଣ୍ଟଙ୍କୁ ଅନୁରୋଧ କରି ଜାନୁୟାରୀ ୨୦ ମ୍ୟାଡ୍? ମିଲିଅନ ଡେ' ଅବସରରେ ଅତିକମରେ ଗୋଟିଏ ପଲିସି କରିବାକୁ କହିଥିଲେ। ଯାହାଫଳରେ ସଂସ୍ଥା ଏକ ବଡ଼ ସଫଳତା ହାସଲ କରିପାରିଥିଲା ବୋଲି ଏଲଆଇସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ଭୁବନେଶ୍ୱର, ରବିବାର, ୨୫ ମଇ ୨୦୨୫
Bhubaneswar, Sunday 25 May, 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ଶୁଭମନ ଗିଲ୍ ଟେଷ୍ଟ ଦଳର ଅଧିନାୟକ




**ମୁମ୍ବାଇ, ୨୪।୫:** ବିସିସିଆଇ ଟିମ ଇଣ୍ଡିଆର ନୂତନ ଟେଷ୍ଟ ଅଧିନାୟକଙ୍କ ନାମ ଘୋଷଣା କରିଛି। ମେ ୨୪ ତାରିଖରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ବୋର୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଏହି ଘୋଷଣା କରିଥିଲେ। ଯୁବ ତାରକା ଶୁଭମନ ଗିଲ ଏବେ ଟେଷ୍ଟ ଦଳର ଦାୟିତ୍ୱ ନେବେ। ଏହାର ଅର୍ଥ ହେଉଛି ରୋହିତ ଶର୍ମାଙ୍କ ଟେଷ୍ଟ କ୍ରିକେଟରୁ ଅବସର ପରେ, ଗିଲ ଏବେ ତାଙ୍କ ସ୍ଥାନ ନେଇଛନ୍ତି। ଜୁନ ମାସରେ, ଭାରତୀୟ ଦଳ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଗସ୍ତ କରିବାକୁ ଯାଉଛି। ଏହି ସମୟ ମଧ୍ୟରେ, ଗିଲ ଭାରତର ନୂତନ ଅଧିନାୟକ ଭାବରେ ଦାୟିତ୍ୱ ନେବେ। ରିଷଭ ପନ୍ତଙ୍କୁ ଦଳର ଉପ-ଅଧିନାୟକ କରାଯାଇଛି। ଗିଲଙ୍କୁ ଅଧିନାୟକ ନିଯୁକ୍ତ କରିବା ବିଷୟରେ ଅଗରକର କହିଛନ୍ତି, ଆମେ ଅନେକ ନାମ ଆଲୋଚନା କରିଥିଲୁ ଏବଂ ଦଳର ସଦସ୍ୟଙ୍କଠାରୁ ମତାମତ ମଧ୍ୟ ନେଇଥିଲୁ। ସ୍ପଷ୍ଟ ଭାବରେ ଏହା ଏକ ବହୁତ ଋପପୂର୍ଣ୍ଣ କାମ, ଆଶା କରୁଛି ଗିଲ ଏହାକୁ ଆଗକୁ ନେବେ। ୨୫ ବର୍ଷ ୨୫୮ ଦିନ ବୟସରେ, ଗିଲ ଭାରତୀୟ ଟେଷ୍ଟ ଦଳର ଅଧିନାୟକତ୍ୱ କରିବାରେ ଚତୁର୍ଥ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ସଚିନ ତେନ୍ଦୁଲକର ୨୩ ବର୍ଷ ୧୬୯ ଦିନ ବୟସରେ ଟେଷ୍ଟ ଅଧିନାୟକ ହୋଇଥିଲେ। କପିଳ ଦେବ ୨୪ ବର୍ଷ ୪୮ ଦିନ ବୟସରେ ଏବଂ ରବି ଶାସ୍ତ୍ରୀ ୨୫ ବର୍ଷ ୨୨୯ ଦିନ ବୟସରେ ଭାରତର ଅଧିନାୟକତ୍ୱ କରିଛନ୍ତି। ଯଦିଓ ଗିଲଙ୍କ ପାଖରେ ଏହି ଫର୍ମାଟରେ ଅଧିନାୟକତ୍ୱ ଅଭିଜ୍ଞତା ନାହିଁ, ସେ ୨୦୨୪ ମସିହାରେ ଜିମ୍ବାୱେରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ଭାରତକୁ ନେତୃତ୍ୱ ଦେଇଥିଲେ। ଗିଲ ଦିନିକିଆ ଏବଂ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚରେ ଉପ-ଅଧିନାୟକ ମଧ୍ୟ ରହିସାରିଛନ୍ତି। ସେ ଫେବୃଆରୀ ୨୦୨୫ରେ ଋମ୍ପିଅନ୍ସ ଟ୍ରଫିରେ ଉପ-ଅଧିନାୟକ ଥିଲେ।

# ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳରେ ୧୮ ଖେଳାଳି




**ମୁମ୍ବାଇ, ୨୪।୫:** ଟିମ ଇଣ୍ଡିଆକୁ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତ କରିବ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚଟି ଟେଷ୍ଟ ମ୍ୟାଚ ବିଶିଷ୍ଟ ସିରିଜ ଖେଳାଯିବ। ଏହି ସିରିଜ ୨୦୨୫-୨୭ ବିଶ୍ୱ ଟେଷ୍ଟ ଋମ୍ପିଅନସିପ ଚକ୍ରର ଅଂଶ ହେବ। ଏହି ଗସ୍ତ ପାଇଁ ବିସିସିଆଇ ଟିମ ଇଣ୍ଡିଆର ଦଳ ଘୋଷଣା କରିଛି। ରୋହିତ ଶର୍ମା, ବିରାଟ କୋହଲି ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ଅଭିଜ୍ଞ ଖେଳାଳିମାନେ ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ଏହା ଭାରତୀୟ ଦଳ ପାଇଁ ଏକ ନୂତନ ଆରମ୍ଭ। ଏହା ସହିତ, ଭାରତୀୟ ଟେଷ୍ଟ ଦଳକୁ ଜଣେ ନୂତନ ଅଧିନାୟକ ମଧ୍ୟ ମିଳିଛି।

ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଇଂଲଣ୍ଡ ଗସ୍ତ ପାଇଁ ଏକ ଯୁବ ଟିମ ଇଣ୍ଡିଆକୁ ଚୟନ କରିଛି। ଯଶସ୍ୱୀ ଜୟସ୍ୱାଲ ଏବଂ ଅଭିମନ୍ୟୁ ଈଶ୍ୱରନ ବ୍ୟାଟିଂ ଓପନିଂ ଦାୟିତ୍ୱ ନେଇପାରିବେ। ସାଇ ସୁଦର୍ଶନ ଏବଂ କରୁଣ ନାୟାରଙ୍କୁ ମଧ୍ୟକ୍ରମରେ ସ୍ଥାନ ଦିଆଯାଇଛି। କୋହଲିଙ୍କ ଅନୁପସ୍ଥିତିରେ ଉଭୟ ନମ୍ବର ୪ ଭୂମିକା ଗ୍ରହଣ କରିପାରିବେ। ରିଷଭ ପନ୍ତଙ୍କୁ ଉପ-ଅଧିନାୟକ କରାଯାଇଛି ଏବଂ ସେ ଉଇକେଟକିପିଂ ସହିତ ମଧ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଧ୍ରୁବ ଜୁରେଲଙ୍କୁ ଦ୍ୱିତୀୟ ଉଇକେଟକିପର ଭାବରେ ମନୋନୀତ କରାଯାଇଛି।

ଭାରତୀୟ ଦଳ : ଶୁଭମାନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉଇକେଟ ରକ୍ଷକ, ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେ.ଏଲ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ୍, କରୁଣ ନାୟାର, ନୀତୀଶ ରେଡ୍ଡୀ, ରବିନ୍ଦ୍ର ଜାଡେଜା, ଧ୍ରୁଭ ଜୁରେଲ (ଉଇକେଟ କିପର), ୱାଶିଂଟନ ସୁନ୍ଦରମ, ଶାର୍ଦ୍ଦୁଳ ଠାକୁର, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ, କୁଲଦୀପ ଯାଦବ।

# ବୀରେନ୍ଦ୍ର ଲାକ୍ରା ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍



**ନୂଆଦିଲ୍ଲୀ, ୨୪।୫:** ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ହକି ଇଣ୍ଡିଆ (ଏଚ୍ଆଇ) ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଅୟର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ।

ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ। ଭାରତୀୟ ଜର୍ସି ପିନ୍ଧିବା ପାଇଁ କ'ଣ କ'ଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘ ଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୁହଳପୂର୍ଣ୍ଣ ଚ୍ୟାଲେଞ୍ଜ। ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି। ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ। ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ।

# ମହମ୍ମଦ ଶାମିଙ୍କ ଟେଷ୍ଟ କ୍ୟାରିୟରରେ ପଡିବ ପୂର୍ଣ୍ଣଚ୍ଛେଦ

**ଲକ୍ଷ୍ନୌ, ୨୪।୫:** ୨୦୨୫ ମସିହାର ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳକୁ ଚୟନ କରାଯାଇଛି। ଯୁବ ଷ୍ଟାର ଓପନର ଶୁବମନ ଗିଲଙ୍କୁ ଭାରତୀୟ ଟେଷ୍ଟ ଦଳର କମାଣ୍ଡ ଦିଆଯାଇଛି। ଯେତେବେଳେ, ରିଷଭ ପନ୍ତଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଦଳ ଘୋଷଣା କରିଛନ୍ତି। ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅବସର ଘୋଷଣା ପରେ, ଭାରତର ଟେଷ୍ଟ ଦଳ ନୂଆ ମୁହଁ ସହିତ ଉତ୍ସାହ ଏବଂ ଆଗ୍ରହରେ ପରିପୂର୍ଣ୍ଣ। ସୂଚନାଯୋଗ୍ୟ, ଆଘାତ ଏବଂ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ଭାରତର ଷ୍ଟାର ବୋଲର ମହମ୍ମଦ ଶାମିଙ୍କୁ ଦଳରେ ସ୍ଥାନ ମିଳିନାହିଁ। ୩୪ ବର୍ଷୀୟ ଶାମି ଆଘାତ ସହିତ ସଂଘର୍ଷ କରୁଛନ୍ତି। ତେଣୁ, ସେ ଦଳରେ ସ୍ଥାନ ପାଇବାରୁ ବଂଚିତ ହୋଇଛନ୍ତି।

ଶାମି ୨୦୨୩ ବିଶ୍ୱକପରେ ଏକ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ତଥାପି, ବିଶ୍ୱକପ ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ସେ ୨୦୨୫ ମସିହାରେ ଟିମ ଇଣ୍ଡିଆକୁ ଫେରିଥିଲେ। ତଥାପି, ସେବେଠାରୁ ତାଙ୍କୁ ଫର୍ମରେ ଦେଖିବାକୁ ମିଳିନାହିଁ। ଆଇପିଏଲ ୨୦୨୫ରେ ମଧ୍ୟ ଶାମିଙ୍କୁ କେତେବେଳେ ସନରାଇଜର୍ସ ହାଇଦ୍ରାବାଦର ପ୍ଲେଇଂ ଇଲେଭେନରେ ଦେଖିବାକୁ ମିଳିଥିଲା ତ କେତେବେଳେ ବାହାରେ ବସିଥିଲେ। ଇଂଲଣ୍ଡ ଗସ୍ତ ପାଇଁ ଦଳ ଘୋଷଣା କରିବା ସମୟରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଥିଲେ ଯେ ଶାମି ଟେଷ୍ଟ ଦଳରେ ଖେଳିବା ପାଇଁ ଯଥେଷ୍ଟ ଫିଟ ନୁହଁନ୍ତି।




ତଥାପି, ଏବେ ପ୍ରଶ୍ନ ଉଠୁଛି ଯେ ଇଂଲଣ୍ଡରେ ଭାରତୀୟ ଦଳର ନେତୃତ୍ୱ କିଏ ନେବ। ୫ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ଚୟନ ପୂର୍ବରୁ, ଜସପ୍ରିତ ବୁମରାହ କହିଥିଲେ ଯେ ସେ କେବଳ ତିନୋଟି ମ୍ୟାଚ ପାଇଁ ଉପଲବ୍ଧ ରହିବେ। ବର୍ତ୍ତମାନ, ଜସପ୍ରିତ ବୁମରାହଙ୍କ ବ୍ୟତୀତ, ମହମ୍ମଦ ସିରାଜଙ୍କର ବିଦେଶରେ ଖେଳିବାର ଅଭିଜ୍ଞତା ଅଛି। ଜସପ୍ରିତ ବୁମରାହ ତିନୋଟି ମ୍ୟାଚ ଖେଳିବେ, ତା'ପରେ ମ୍ୟାଚର ଦାୟିତ୍ୱ ସିରାଜ ଏବଂ ଠାକୁରଙ୍କ କାନ୍ଧରେ ପଡ଼ିବ। ଠାକୁର ଇଂଲଣ୍ଡରେ ୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି, ଯେଉଁଥିରେ ସେ ୬ଟି ଇନିଂସରେ ୮ଟି ୱିକେଟ ନେଇଛନ୍ତି। ସେ ୫ଟି ଇନିଂସରେ ୨ଟି ଅର୍ଦ୍ଧଶତକ ସହାୟତାରେ ୧୨୨ ରନ ମଧ୍ୟ କରିଛନ୍ତି। ତେଣୁ ସେ ଜଣେ ଅଲରାଉଣ୍ଡର ଭାବରେ ଦଳରେ ଖେଳିବେ। ବିଦେଶୀ ମାଟିରେ ସିରାଜଙ୍କ ପ୍ରଦର୍ଶନ ଭଲ, କିନ୍ତୁ ତାଙ୍କୁ କିଏ ସମର୍ଥନ କରିବ ତାହା ଭାରତୀୟ ଦଳ ପାଇଁ ଚିନ୍ତାର ବିଷୟ ହେବ।

# ସୁଧୁରୁ ନାହାନ୍ତି ଦିଗେଶ୍ୱର ସିଂ ରାଠି, ଦେଲେଣି ୯ ଲକ୍ଷ ଫାଇନ୍

**ଅହମ୍ମଦାବାଦ, ୨୪।୫:** ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି ଆଇପିଏଲ ୨୦୨୫। ପ୍ଲେଅଫରେ ପହଞ୍ଚି ସାରିଲେଣି ୪ ଟିମ୍। ଗୁଜରାଟ, ବେଙ୍ଗାଲୁରୁ, ପଞ୍ଜାବ ଓ ମୁମ୍ବାଇ ପ୍ରସ୍ତୁତ ହେଲେଣି ପ୍ଲେ ଅଫ ଖେଳିବାକୁ। ହେଲେ ଚଳିତ ବର୍ଷ ଲକ୍ଷ୍ନୌ ଟିମ ବେଶ ଚର୍ଚ୍ଚାରେ ରହିଛି। କାରଣ ଦଳରେ ସବୁଠାରୁ ଦାମୀ ଖେଳାଳି ଋଷଭ ପନ୍ତଙ୍କ ପ୍ରଦର୍ଶନ ଆଉ ଦିଗ୍ୱେଶ୍ ସିଂ ରାଠିଙ୍କ ସେଲିବ୍ରେସନ ଦଳକୁ ବ୍ୟାକଫୁଟକୁ ନେଇଯାଇଥିଲା। ଦିଗେଶ୍ୱର ଚଳିତ ଆଇପିଏଲରେ ଏବେ ଯାଏ ୯ ଲକ୍ଷ ୩୭ ହଜାର ଟଙ୍କା ଫାଇନ୍ ଦେଇସାରିଲେଣି। ଯାହା ଟିମ୍ ସହ ତାଙ୍କ କ୍ୟାରିୟର ଉପରେ ବି ଖରାପ ପ୍ରଭାବ ପକାଇଛି।

ଲକ୍ଷ୍ନୌ ସୁପର ଜାଏ ସର ସ୍ପିନର ଦିଗେଶ୍ୱସିଂ ରାଠି ନିଜର ପ୍ରଥମ ଆଇପିଏଲରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ସେ ୧୨ ମ୍ୟାଚରେ ୮.୧୮ ଇକୋନୋମିରେ ୧୪ ୱିକେଟ ହାସଲ କରିଛନ୍ତି। କିନ୍ତୁ ତାଙ୍କ ସେଲିବ୍ରେସନ ସବୁବେଳେ ତାଙ୍କୁ ବିବାଦକୁ ନେଇ ଯାଇଥିଲା। ତାଙ୍କ ନୋଟବୁକ ସେଲିବ୍ରେସନ ପାଇଁ ସେ ବହୁବାର ଦଣ୍ଡିତ ବି ହୋଇଛନ୍ତି। ୩୦ ଲକ୍ଷ ଟଙ୍କାରେ ଲକ୍ଷ୍ନୌ ତାଙ୍କୁ ଟିମରେ ସାମିଲ କରିଥିଲା। ହେଲେ ଚଳିତ ଆଇପିଏଲରେ ସେ ୩ ଥର ଦଣ୍ଡିତ ହୋଇ ମୋଟ୍ ୯ ଲକ୍ଷରୁ ଅଧିକ ଟଙ୍କା ହରାଇ ସାରିଲେଣି।

ଦିଗେଶ୍ୱର ରାଠି ପ୍ରଥମଥର ଏପ୍ରିଲ ୧ରେ ପଞ୍ଜାବ ବିପକ୍ଷ ମ୍ୟାଚରେ




ଫାଇନ ଦେଇଥିଲେ। ଏହି ମ୍ୟାଚରେ ସେ ପ୍ରିୟାଂଶ ଆର୍ଯ୍ୟଙ୍କୁ ଆଉଟ କରିବା ପରେ ସେ ନୋଟବୁକ ସେଲିବ୍ରେସନ କରିଥିଲେ, ଯେଉଁଥିପାଇଁ ବିବାଦ ସୃଷ୍ଟି ହୋଇଥିଲା। ଆଉ ତାଙ୍କୁ ୧.୮୭ ଲକ୍ଷ ଟଙ୍କା ଫାଇନ ଲାଗିଥିଲା। ଏହାର ୩ ଦିନ ପରେ ୪ ଏପ୍ରିଲକୁ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ବି ସେ ନୋଟବୁକ ସେଲିବ୍ରେସନ କରିଥିଲେ। ଯେଉଁଥିପାଇଁ ତାଙ୍କୁ ପୁଣି ୩.୭୫ ଲକ୍ଷ ଟଙ୍କାର ଜରିମାନା ଲାଗିଥିଲା। ବାରମ୍ବାର ଦଣ୍ଡିତ ହେବା ପରେ ବି ନିଜ ଅଭ୍ୟାସ ବଦଳାଇନଥିଲେ ଏହି କ୍ରିକେଟର। ପୁଣି ମେ ୧୯ରେ ହାଇଦ୍ରାବାଦର ଓପନର ଅଭିଷେକ ଶର୍ମାଙ୍କ ସହ ଝଗଡ଼ା କରିଥିଲେ। ଯେଉଁଥିପାଇଁ ତାଙ୍କୁ ପୁଣି ୩.୭୫ ଲକ୍ଷ ଟଙ୍କାର ଫାଇନ୍ ଲାଗିବା ସହ ଗୋଟିଏ ମ୍ୟାଚରୁ ବ୍ୟାନ୍ କରାଯାଇଥିଲା। ଯେଉଁଥିପାଇଁ ତାଙ୍କୁ ଗୁଜରାଟ ବିପକ୍ଷ ମ୍ୟାଚରେ ଦେଖିବାକୁ ମିଳିନଥିଲା।

ଦିଗେଶ୍ୱର ରାଠି ଯେତେବେଳେ କୌଣସି ବୋଲରଙ୍କୁ ଆଉଟ କରନ୍ତି ସେତେବେଳେ ସେ ନିଜର ଗୋଟିଏ ହାତରେ ଆଉ ଗୋଟିଏ ହାତରେ କାଳ୍ପନିକ ଭାବେ କିଛି ଲେଖନ୍ତି। ଏହା ତାଙ୍କ ସେଲିବ୍ରେସନ କରିବାର ଏକ ବିବାଦୀୟ ଢଙ୍ଗ। ଯାହା ବ୍ୟାଟ୍ସମ୍ୟାନଙ୍କୁ ପସନ୍ଦ ଆସେନାହିଁ, ତେଣୁ ବିବାଦ ସୃଷ୍ଟି ହୁଏ। ଜଣେ ନବାଗତ ବୋଲର ଆଇପିଏଲ ଡେବ୍ୟୁ କରି ଭଲ ପ୍ରଦର୍ଶନ କରୁଛନ୍ତି, ହେଲେ ତାଙ୍କ ବ୍ୟବହାର ପାଇଁ ସେ ବାରମ୍ବାର ଦଣ୍ଡିତ ହେଉଛନ୍ତି। ଯାହା ତାଙ୍କ କ୍ୟାରିୟର ଉପରେ ଖରାପ ପ୍ରଭାବ ପକାଉଛି।

# ୧୯ ବର୍ଷରୁ କମ ଭାରତୀୟ ଟିମ୍ ଘୋଷଣା

**ମୁମ୍ବାଇ, ୨୪।୫:** ଇଂଲଣ୍ଡ ଗସ୍ତ ପାଇଁ ଅଣ୍ଡର ୧୯ ଭାରତୀୟ ଟିମ୍ ଘୋଷଣା ହୋଇଛି। ଏହି ଗସ୍ତରେ ଭାରତୀୟ ଟିମ୍ ୨୪ ଜୁନରୁ ୨୩ ଜୁଲାଇ ଯାଏ ଗୋଟିଏ ୱାର୍ମ ଅପ୍, ୫ ଦିନିକିଆ ଓ ୨ ମଲ୍ଟି ଡେ' ମ୍ୟାଚ ଖେଳିବ। ଏହି ଗସ୍ତ ପାଇଁ ୧୭ ବର୍ଷୀୟ ଆୟୁଷ ମହାତ୍ରେଙ୍କୁ ଭାରତୀୟ ଟିମର ଅଧିନାୟକ ଦାୟିତ୍ୱ ମିଳିଛି। ସେହିପରି ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ବି ଟିମରେ ସ୍ଥାନ ମିଳିଛି। ଆଇପିଏଲରେ ଏହି ଦୁଇ ଖେଳାଳି ଦମଦାର ପ୍ରଦର୍ଶନ କରିଥିଲେ।

ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି କି ଏହି ଦଳରେ ଉପ ଅଧିନାୟକ ଦାୟିତ୍ୱ ଅଭିଜ୍ଞାନ କୁଣ୍ଡୁଙ୍କୁ ଦିଆଯାଇଛି। ସେ ୱିକେଟ୍ କିପର ବି ରହିବେ। ସେହିପରି ଦ୍ୱିତୀୟ ୱିକେଟ୍ କିପରି ଭାବେ ହରବଂଶ ସିଂଙ୍କୁ ଦଳରେ ସାମିଲ କରାଯାଇଛି। ଏହା ବ୍ୟତୀତ ଷ୍ଟାଣ୍ଡବାଏ ଖେଳାଳି ଲିଷ୍ଟ୍ ବି ବିସିସିଆଇ ଜାରି କରିଛି। ଯେଉଁଠି ଅଳଙ୍କୃତ ରାପୋଲ ଆଉ ଜଣେ ୱିକେଟ୍ କିପର ଭାବେ ଦଳରେ ରହିଛନ୍ତି।



ଆଇପିଏଲରେ ଆୟୁଷ ମହାତ୍ରେ ଓ ବୈଭବ ସୂର୍ଯ୍ୟବଂଶୀ ଦୁଇ ଖେଳାଳିଙ୍କ ବ୍ୟାଟ୍ ପ୍ରବଳ ଗର୍ଜିଥିଲା। ଆୟୁଷ ୬ ମ୍ୟାଚରୁ ୨୦୬ ରନ୍ କରିଥିଲେ। ସେହିପରି ବୈଭବ ୭ ମ୍ୟାଚରୁ ୨୫୨ ରନ୍ କରିଛନ୍ତି। ଯେଉଁଥିରେ ସେ ଶତକ ବି ହାସଲ କରିଛନ୍ତି।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଓଡିଆରେ ପ୍ରଥମ ଅଭିଯାନ

**ନୂଆଦିଲ୍ଲୀ, ୨୪।୫:** ଦାୟିତ୍ୱପୂର୍ଣ୍ଣ ଅଳଙ୍କାର ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଓଡିଆରେ ଏହାର ପ୍ରଥମ ବ୍ରାଣ୍ଡ ଅଭିଯାନ 'ଆମର ପରମ୍ପରା ଆମର ମାଲାବାର' ଆରମ୍ଭ କରିଛି। ଏଥିରେ ଓଡ଼ିଶାର ଲୋକପ୍ରିୟ ସୁପରଷ୍ଟାର ସବ୍ୟସାଚୀ ମିଶ୍ରଙ୍କୁ ଦର୍ଶାଯାଇଛି। ଓଡ଼ିଆ ପରମ୍ପରାରେ ସୁନାର ଭାବପ୍ରବଣ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ଜୀବନ୍ତ କରିବା ସହିତ, ଏହି ଅଭିଯାନ ଜଣେ ଝିଅର ଜନ୍ମରୁ କନ୍ୟା ହେବା ପର୍ଯ୍ୟନ୍ତ ଯାତ୍ରାକୁ ଦର୍ଶାଉଛି, ଯାହା ପୂଜା, ଅନ୍ନପ୍ରାସନ, ରଜ ପର୍ବ ଏବଂ ବିବାହ ଭଳି ଓଡ଼ିଶାର ପ୍ରଚଳିତ ପ୍ରଥା ମାଧ୍ୟମରେ ସମ୍ପନ୍ନ ହୋଇଥାଏ। ସବ୍ୟସାଚୀ ମିଶ୍ରଙ୍କ କାହାଣୀ ମାଧ୍ୟମରେ ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ଚିତ୍ରିତ, ଏହି ଅଭିଯାନ ସୁନା ଅଳଙ୍କାରକୁ ଜୀବନର ସମସ୍ତ ମାଇଲଖୁଂଟ ଅବସର ଏବଂ ଉତ୍ସବଗୁଡ଼ିକରେ ଏକ ମୂଲ୍ୟବାନ ସାଥୀ ଭାବରେ ନୁହେଁ ବରଂ ପବିତ୍ରତା, ଆଶୀର୍ବାଦ, ଉତ୍ସବ ଏବଂ ଜୀବନବ୍ୟାପୀ ପ୍ରତିଶ୍ରୁତିର ପ୍ରତୀକ ଭାବରେ ମଧ୍ୟ ପ୍ରଦର୍ଶିତ କରିଥାଏ। ଏହା ସହିତ, ଏହି ଅଭିଯାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମୂଳ ନୀତିକୁ ପ୍ରତିଫଳିତ କରିଥାଏ। ଚମକଠାରୁ ଅଧିକ ପବିତ୍ରତା, ଦାୟିତ୍ୱପୂର୍ଣ୍ଣ ସୋର୍ସିଂ, ଅତୁଳନୀୟ କାରିଗରୀ ଏବଂ ଅଟଳ ବିଶ୍ୱାସ। ଓଡ଼ିଆରେ ଏହାର ପ୍ରଥମ ବ୍ରାଣ୍ଡ-ଅଭିଯାନ ସହିତ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ପରମ୍ପରାର ସାରାଂଶକୁ କଏଦ କରି ଓଡ଼ିଶା ଏବଂ ରାଜ୍ୟର ଲୋକଙ୍କ ସହିତ ଏହାର ସମ୍ପର୍କକୁ ଆହୁରି ଗଭୀର କରିଛି। ଏହି ଅଭିଯାନ ଟିଭି ଚ୍ୟାନେଲ, ଡିଜିଟାଲ୍ ପ୍ଲାଟଫର୍ମ, ସିନେମା ଏବଂ ଭିଜୁଆଲ୍ ମାଧ୍ୟମରେ ବ୍ୟାପକ ଭାବରେ ଚାଲିଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌କୁ ପସନ୍ଦିତ ବର ଅଳଙ୍କାର ସହିତ ଓଡ଼ିଶା ଏବଂ ଦେଶ ବାହାରେ ରହୁଥିବା ଓଡ଼ିଆ ପ୍ରବାସୀମାନଙ୍କ ମଧ୍ୟରେ ସବୁଠାରୁ ବିଶ୍ୱସ୍ତ ଏବଂ ଦାୟିତ୍ୱପୂର୍ଣ୍ଣ ଅଳଙ୍କାର ବ୍ରାଣ୍ଡ ଭାବରେ ସ୍ଥାନିତ କରିବା। ଏହି ଅବସରରେ ଅଭିଯାନ ପାଇଁ ତାଙ୍କ ସହଯୋଗ ବିଷୟରେ ମତ ଦେଇ ସବ୍ୟସାଚୀ ମିଶ୍ର କହିଲେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏହି ଉତ୍କୃଷ୍ଟ ବ୍ରାଣ୍ଡ ଅଭିଯାନରେ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ପ୍ରତିନିଧିତ୍ୱ କରିଥିବାରୁ ପାଇ ମୁଁ ନିଜକୁ ସମ୍ମାନିତ ଅନୁଭବ କରୁଛି। ପ୍ରତ୍ୟେକ ଓଡ଼ିଆଙ୍କ ଘରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ଏହା ଆମର ଆଶୀର୍ବାଦ, ଆମର ପ୍ରାର୍ଥନା, ଜୀବନରେ ଆମର ମୂଲ୍ୟବାନ ମୁହୂର୍ତ୍ତର ଏକ ଅଂଶ। ସ୍ୱଚ୍ଛତା ଏବଂ ନୈତିକ କାରିଗରିର ବ୍ରାଣ୍ଡର ଦର୍ଶନ ଉପରେ ଗୁରୁତ୍ୱାରୋପ କରିବା ସହିତ, ଆମର ସାଂସ୍କୃତିକ ନୀତିରେ ଗଭୀର ଭାବରେ ନିହିତ ଏହି ଅଭିଯାନ ରାଜ୍ୟ ଏବଂ ବାହାରର ଓଡ଼ିଆ ସମ୍ପ୍ରଦାୟ ସହିତ ନିଶ୍ଚିତ ଭାବରେ ପ୍ରତିଧ୍ୱନିତ କରିବ।

# ଇଂଲଣ୍ଡରେ ସବୁ ମ୍ୟାଚ୍ ଖେଳିବେନି ଯଶପ୍ରୀତ ବୁମ୍ରା

**ମୁମ୍ବାଇ, ୨୪।୫:** ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସମସ୍ତ ୫ଟି ଯାକ ମ୍ୟାଚରେ ଖେଳିବେ ନାହିଁ ଭାରତର ଫାଷ୍ଟ ବୋଲର ଯଶପ୍ରୀତ ବୁମ୍ରା। ଇଂଲଣ୍ଡ ଗସ୍ତ ପାଇଁ ଆଜି ୧୮ ଜଣିଆ ଭାରତୀୟ ଟେଷ୍ଟ ଦଳ ଘୋଷଣା କଲା ବେଳେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର। ବିସିସିଆଇର ଫିଜିଓ ଓ ଡାକ୍ତରମାନେ ଦେଇଥିବା ତଥ୍ୟ ଆଧାରରେ ଏହି ସୂଚନା ଦେଇଛନ୍ତି ଅଗରକର।

ସେ କହିଛନ୍ତି, ମୁଁ ଭାବୁ ନାହିଁ ଯେ ସେ (ଯଶପ୍ରୀତ ବୁମ୍ରା) ୫ଟି ଯାକ ଟେଷ୍ଟରେ ଉପଲବ୍ଧ ହେବେ। ଫିଜିଓ ଓ ଡାକ୍ତରମାନେ ଯାହା କହିଛନ୍ତି, ସେହି ଆଧାରରେ ଏହା ଜଣାପଡୁଛି। ସେ ୪ଟି ଟେଷ୍ଟ ଖେଳିବେ କି ୩ଟି ଖେଳିବେ, ତାହା ସିରିଜ୍ ଋଲିବା ପରେ ଜଣାପଡ଼ିବ। ସେହିପରି ତାଙ୍କ ଶରୀର କେତେ କାର୍ଯ୍ୟଭାର ସମ୍ଭାଳି ପାରୁଛି, ତାହା ଦେଖିବାକୁ ହେବ। ସେ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ସେ ତିନି ବା ଋରିଟି ଟେଷ୍ଟ ମ୍ୟାଚ୍ ପାଇଁ ଫିଟ୍ ରହନ୍ତି, ତା'ହେଲେ ସେ ଆମ ପାଇଁ ବିଜୟ ଆଣି ଦେବେ।




ଅଗରକର କହିଛନ୍ତି, ଆମେ ଖୁସି ଅଛୁ ଯେ ସେ ଏବେ ଫିଟ୍ ଅଛନ୍ତି। ଅଷ୍ଟ୍ରେଲିଆରେ ତାଙ୍କୁ ଯେଉଁ ଝଟକା ଲାଗିଥିଲା, ତାହା ସେତେ ଖରାପ ନଥିଲା। ସେ ପୁଣି ଥରେ ଖେଳିବା ଆରମ୍ଭ କରିଛନ୍ତି। ଏବେ ଆଇପିଏଲରେ ସେ କ'ଣ କରୁଛନ୍ତି, ଆମେ ସମସ୍ତେ ଦେଖୁଛନ୍ତି। ମୁଁ ଖୁସି ଯେ ସେ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆରେ 'ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫'ରେ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଯଶପ୍ରୀତ ବୁମ୍ରା ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ରେ ଭାରତର ନେତୃତ୍ୱ ନେଇଥିଲେ। ଏହି ମ୍ୟାଚ୍ରେ ଭାରତ ବିଜୟୀ ହୋଇଥିଲା।

ତେବେ ଏହି ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ର ପ୍ରଥମ ଇନିଂସରେ ସେ ଆହତ ହେବାରୁ ଆଉ ବୋଲିଂ କରିବାକୁ ସକ୍ଷମ ହୋଇ ନଥିଲେ। ଆହତ କାରଣରୁ ଯଶପ୍ରୀତ ବୁମ୍ରା ଋମ୍ପିୟନ୍ସ ଟ୍ରଫି ଖେଳି ପାରି ନଥିଲେ। କିନ୍ତୁ ସେ ୨୦୨୫ ଆଇପିଏଲରେ ଫେରିଥିଲେ ମୁମ୍ବାଇ ଟିମକୁ ସେ ଏବେ ଭଲ ଫର୍ମରେ ଅଛନ୍ତି। ଦଳ ପାଇଁ ସେ ୯ଟି ମ୍ୟାଚରୁ ୧୬ଟି ୱିକେଟ୍ ନେଇଛନ୍ତି।

ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଭଳି ଦୁଇ ବରିଷ୍ଠ ଖେଳାଳି ଟେଷ୍ଟ ମ୍ୟାଚରୁ ଅବସର ନେବା ପରେ ଯଶପ୍ରୀତ ବୁମ୍ରା ଅଧିନାୟକ ହେବା ଦୌଡ଼ରେ ସବୁଠାରୁ ଆଗରେ ରହିଥିଲେ। ହେଲେ ତାଙ୍କ ଫିଟନେଶ ଓ ୱାର୍କଲୋଡ ମ୍ୟାନେଜମେ ସବୁଠାରୁ ଚିନ୍ତାର ବିଷୟ ହୋଇଥିବାରୁ ତାଙ୍କୁ ଅଧିନାୟକ କରାଯାଇନାହିଁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ